CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

• Vol.- 45, Issue No. 04
• Friday, 4 April 2025
• ଶୁକ୍ରବାର, ୪ ଏପ୍ରିଲ ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲାରେ ୧୩ ଶିଳ୍ପର ଭିତ୍ତିପ୍ରସ୍ତର ଓ ଗୋଟିଏ ଶିଳ୍ପର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । (ଫଟୋ-ଦିନଲିପି)

# ଖୋର୍ଦ୍ଧାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକଳ୍ପ ଭେଟି

- ଶିଳ୍ପପତି, ଶ୍ରମିକ ଓ ସରକାର ସମନ୍ୱୟରେ ପ୍ରଗତି
- ୧୩ ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର,ଗୋଟିଏ ଶୁଭାରମ୍ଭ
- ପ୍ରାଥମିକ ପର୍ଯ୍ୟାୟରେ ୬ ହଜାର କୋଟି ନିବେଶ
- ୩୭ ହଜାର ନିଯୁକ୍ତି ସୃଷ୍ଟି ହେବ

ଭୁବନେଶ୍ୱର/ନିରାକାରପୁର,୩।୪(ନିପ୍ର):ନୂଆ ସରକାର ଆସିବା ପରେ ରାଜ୍ୟରେ ଶିଳ୍ପାୟନ ପାଇଁ ଯେତେ ସବୁ ଏମଓୟୁ ସ୍ୱାକ୍ଷରିତ ହୋଇଛି, ସେ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଆମର କାର୍ଯ୍ୟ ଜାରି ରହିଛି । ସେଥିପାଇଁ ଯାହା ଆବଶ୍ୟକ, ତାହା ଆମେ କରୁଛୁ ଆଉ କରିବୁ ମଧ୍ୟ । ବଡ଼ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରି ତାକୁ କାର୍ଯ୍ୟକାରୀ ନ କରିବା ପର୍ଯ୍ୟନ୍ତ ବିଶ୍ରାମ ନାହିଁ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖୋର୍ଦ୍ଧା ନିକଟବର୍ତ୍ତୀ ହଳଦୀପଦା ଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡ଼ିଶାର ଶିଳ୍ପଜଗତ ପାଇଁ ଏକ ଉଲ୍ଲେଖନୀୟ ଦିବସ। ଏଠାରେ ୧୩ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଗଲା ଓ ଗୋଟିଏ ଶିଳ୍ପର ଉଦ୍‌ଘାଟନ କରାଗଲା। ଏହି ୧୪ଟି ଶିଳ୍ପରେ ପ୍ରାୟ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି। ଉଦ୍ୟୋଗଗୁଡ଼ିକ ପୂର୍ଣ୍ଣକ୍ଷମ ହେଲେ ୩୭ ହଜାରରୁ ଅଧିକ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ସୁଯୋଗ ମିଳିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆଜି ଯେଉଁ ପ୍ରକଳ୍ପ ଗୁଡ଼ିକ ଆରମ୍ଭ ହେଉଛି ସେ ଗୁଡ଼ିକ ଗୋଟିଏ କ୍ଷେତ୍ରର ନୁହେଁ । ଏଥିରେ ପୋଷାକ ପ୍ରସ୍ତୁତି, ପ୍ୟାକେଜିଙ୍ଗ, ଖାଦ୍ୟ ପ୍ରକ୍ରିୟାକରଣ, କ୍ୟାପିଟାଲ ଗୁଡସ୍ ଓ ରେଳ ଚକ ନିର୍ମାଣ ପ୍ରକଳ୍ପ ରହିଛି। ଏ ଗୁଡ଼ିକ ଆଧୁନିକ ଅର୍ଥନୀତିର ବାର୍ତାବହ। ଓଡ଼ିଶାରେ ଆଜି ଶିଳ୍ପପତିମାନେ ପୁଞ୍ଜିନିବେଶ ପାଇଁ ଅଭୂତପୂର୍ବ ଆଗ୍ରହ ପ୍ରକାଶ କରୁଛନ୍ତି ତା'ର କାରଣ ହେଉଛି ଡବଲ ଇଞ୍ଜିନ ସରକାରର ସୁବିଧା ଓ ଇଜ୍ ଅଫ୍ ଡୁଇଂ ବିଜନେସ୍ ପାଇଁ ଅନୁକୂଳ ବାତାବରଣ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ କୌଣସି ଅସୁବିଧା ନାହିଁ । ଶିଳ୍ପଦ୍ୟୋଗୀମାନଙ୍କୁ ନିୟମ ଅନୁଯାୟୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର କ୍ଲିୟରାନ୍ସ ଓ ପରମିସନ୍ ସୁବିଧାରେ ପ୍ରଦାନ କରାଯାଉଛି। ଆମ ଯୁବ ସମାଜକୁ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ସହିତ ଇଣ୍ଡଷ୍ଟ୍ରି ପ୍ରସ୍ତୁତ କରି ଗଢ଼ି ତୋଳିବାକୁ ପଡ଼ିବ। ଯୁବବର୍ଗଙ୍କୁ ଇଣ୍ଡଷ୍ଟ୍ରି ପ୍ରସ୍ତୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ପି.ଏମ୍. ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରୁ ଆମ ରାଜ୍ୟର ଯୁବଗୋଷ୍ଠୀ ଲାଭ ପାଇବା ସହିତ ଏହି ଯୋଜନାରେ ରାଜ୍ୟ ସରକାର ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ତେଣୁ ଆସନ୍ତା ୫ ବର୍ଷରେ ରାଜ୍ୟରେ ଯେତେବେଳେ ଶିଳ୍ପ ବିପ୍ଳବ ଆସିଥିବ, ସେତେବେଳେ ଆମ ରାଜ୍ୟର ଯୁବଗୋଷ୍ଠୀ ଇଣ୍ଡଷ୍ଟ୍ରି ପ୍ରସ୍ତୁତ ଥିବେ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବବର୍ଗ ହେଉଛନ୍ତି ଆମ ଅଭିବୃଦ୍ଧିର ଇଞ୍ଜିନ। ସେମାନଙ୍କ ଦକ୍ଷତା ବିକାଶ ପାଇଁ ସି.ଏମ୍.ଆଷ୍ଟାୟାର ଯୋଜନା, ନୂଆ-ଓଡ଼ିଶା ଯୋଜନା ଏବଂ ଆଇଟିଆଇ ଓ ପଲିଟେକ୍‌ନିକ ଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ଉତ୍କର୍ଷ ଓଡ଼ିଶା ମେକ-ଇନ ଓଡ଼ିଶା କନକ୍ଲେଭ ଆଶାଠାରୁ ଅନେକ ଗୁଣରେ ସଫଳତା ପାଇଛି। ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ସେଥିମଧ୍ୟରୁ ୧୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କାରକେଟରେ କାଳିବଡା ମୌଜାରେ ନୂତନ ଭାବରେ ହେବାକୁ ଥିବା ନିର୍ମାଣାଧୀନ ଟେଣ୍ଟଟାଇଲ କମ୍ପାନୀ ପରିଦର୍ଶନ କରିଥିଲେ । ଶେଷରେ ମୁଣ୍ଡାଆମ୍ବ ମୌଜାରେ ବରୁଣ ବେଭରେଜ ମୃଦୁ ପାନୀୟ କମ୍ପାନୀ ଶୁଭ ଉଦଘାଟନ କରି ଆଗାମୀ ଦିନରେ ରାଜ୍ୟ ସରକାର ଖୋର୍ଦ୍ଧା ଜିଲ୍ଲାରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୩ କାର୍ଯ୍ୟ ଦିବସ ପୂର୍ବରୁ ବଜେଟ ଅଧିବେଶନ ଶେଷ

ଭୁବନେଶ୍ୱର,୩।୪(ନିପ୍ର): ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ତଥା ବଜେଟ ଅଧିବେଶନ ଗୁରୁବାର ସକାଳେ ସମାପ୍ତ ହୋଇଛି । ବାଚସ୍ପତି ସୁରମା ପାଢୀ ତିନୋଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭାକୁ ମୁଲତବୀ ଘୋଷଣା କରିଛନ୍ତି । ଚଳିତ ଅଧିବେଶନରେ ୨୮ ଟି କାର୍ଯ୍ୟ ଦିବସ ମଧ୍ୟରୁ ୨୫ ଟି କାର୍ଯ୍ୟ ଦିବସ ଚାଲିଥିଲା । ଆଗକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବାରୁ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବି ଘୋଷଣା କରିବା ଲାଗି ପ୍ରସ୍ତାବ ଆଣିଥିଲେ ସରକାରୀ ଦଳ ମୁଖ୍ୟ ସଚେତକ । ସମର୍ଥନ କରିଥିଲେ ଶାସକ ଦଳ ବିଧାୟକ ରୂପ ଭତ୍ରା, ଶତ୍ରୁଘ୍ନ ଜେନା । ଏହା ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କଲେ ବାଚସ୍ପତି । ଏହି ଅଧିବେଶନରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ୨୦୨୪ ଏବଂ ରାଜ୍ୟ ରାଜପଥ ପ୍ରାଧି କରଣ ବିଲ ୨୦୨୫ ବିଧାନସଭାରେ ପାରିତ ହୋଇଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଗୃହରେ ପାରିତ ହୋଇଥିଲା ।ବେଶ୍ ଘଟଣା ବହୁଳ ଥିଲା ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ । ପ୍ରଥମ ଥର ପାଇଁ ବିଧାନସଭା ଇତିହାସରେ ଗୃହରୁ ନିଲମ୍ବିତ ହୋଇଥିଲେ କଂଗ୍ରେସ ଦଳର ସମସ୍ତ ବିଧାୟକ । ଏହା ସହ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଏବଂ ରାଜ୍ୟ ରାଜପଥ ପ୍ରାଧି କରଣ ବିଲ୍ ଆଲୋଚନା ବେଳେ ରାତି ତମାମ ଚାଲିଥିଲା ବିଧାନସଭା । ବୁଧବାର ସକାଳ ୧୦.୩୦ ମିନିଟ ରେ ଆରମ୍ଭ ହୋଇ ଗୃହ ଗୁରୁବାର ସକାଳ ୭ ଟା ୫ ମିନିଟ ପର୍ଯ୍ୟନ୍ତ ଚାଲିଥିଲା।

## ୱାକଫ ବିଲ୍ : ହୁଇପ ଜାରି କରି ନାହିଁ ବିଜେଡି

ଭୁବନେଶ୍ୱର,୩।୪: ୱାକଫ ବିଲ୍ ନେଇ ରାଜ୍ୟସଭାରେ ବିଜୁ ଜନତା ଦଳ ହୁଇପ ଜାରି କରି ନାହିଁ। ଏନେଇ ସୂଚନା ଦେଇଛନ୍ତି ଦଳର ବରିଷ୍ଠ ସାଂସଦ ସସ୍ମିତ ପାତ୍ର । ସେ କହିଛନ୍ତି, ଧର୍ମନିରପେକ୍ଷତା ଓ ଅନ୍ତର୍ଭୁକ୍ତିକରଣ ନୀତିକୁ ବିଜୁ ଜନତା ଦଳ ଗୁରୁତ୍ୱ ଦେଉଛି । ସମସ୍ତ ସମ୍ପ୍ରଦାୟର ଅଧିକାରର ସୁରକ୍ଷାକୁ ଦଳ ପ୍ରାଧାନ୍ୟ ଦେଉଛି । ଏହାସହ ସଂଖ୍ୟାଲଘୁ ସମ୍ପ୍ରଦାୟର ଭାବନାକୁ ଦଳ ସର୍ବଦା ସମ୍ମାନ ଦେଇଥାଏ । ୱାକଫ ସଂଶୋଧନ ବିଲ୍-୨୦୨୪ ପ୍ରସଙ୍ଗରେ ସେ କହିଛନ୍ତି, ଏହି ସବୁ ବିଷୟକୁ ଗୁରୁତ୍ୱର ସହ ବିଚାର କରି ଦଳ ଏହି ନିଷ୍ପତ୍ତି ଗ୍ରହଣ କରିଛି । ସମସ୍ତ ସମ୍ପ୍ରଦାୟକୁ ନ୍ୟାୟ, ସଂହତି ଓ ଅଧିକାର ପ୍ରସଙ୍ଗରେ ଦଳର ରାଜ୍ୟସଭା ସାଂସଦମାନଙ୍କ ଦାୟିତ୍ୱବୋଧ ଓ ଅନ୍ତର ଅଭିବ୍ୟକ୍ତି ଉପରେ ନ୍ୟସ୍ତ କରାଯାଇଛି । ବିଲ୍ ପ୍ରସଙ୍ଗରେ ଭୋଟ ନେଇ ଦଳ ପକ୍ଷରୁ ହୁଇପ ଜାରି କରାଯାଇନାହିଁ । ବିଲ୍ ବିରୋଧରେ ଭୋଟ୍ ଦେବାକୁ ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶ ରହିଛି ବୋଲି ମୁନା ଖାଁ କହିଛନ୍ତି ।

## ୪୦୦ ଇ-ବସ୍ ଯୋଗାଇବେ କେନ୍ଦ୍ର ସରକାର: ମନ୍ତ୍ରୀ

ଭୁବନେଶ୍ୱର,୩।୪: ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ନୂଆ ଇ-ବସ୍ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶୁଭାରମ୍ଭ କରିଛନ୍ତି।ଏନେଇ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ରାଜ୍ୟର ୮ଟି ସହରରେ ଆମ ବସ୍ ସେବା ଆରମ୍ଭ ହେବ। କେନ୍ଦ୍ର ସରକାର ଓଡ଼ିଶାକୁ ୪୦୦ ଇ-ବସ୍ ଯୋଗାଇବେ। ତେବେ ବସ୍ ଦୁର୍ଘଟଣା କମାଇବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଆମ ବସ୍ ଭିତରେ ଦୁଇଟି ସିସିଟିଭି କ୍ୟାମେରା ଲଗାଯାଇଥିବା କଥା ମନ୍ତ୍ରୀ କହିଛନ୍ତି।

## ସୁନା ଦର ୯୩,୩୮୦ଟଙ୍କାକୁ ବଢ଼ିଲା ଅକ୍ଷୟ ତୃତୀୟା ବେଳକୁ ଲକ୍ଷେ ଟପିପାରେ

ଭୁବନେଶ୍ୱର,୩।୪ : ସୁନାଦର ବେଳକୁ ହୁ ହୁ ହୋଇ ବଢି ଚାଲିଛି । ଚାହିଦା ବଢୁଥିବାରୁ ଲଗାମର ପ୍ରଶ୍ନ ନାହିଁ। ଗତ କିଛିଦିନ ମଧ୍ୟରେ ଏହାର ଦର ଆକାଶଛୁଆଁ ହୋଇଛି । ଗୁରୁବାର ଅର୍ଥାତ୍ ଏପ୍ରିଲ

୩ରେ ୨୪ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ୍ ପ୍ରତି ୯୩,୩୮୦ରେ ପହଞ୍ଚିଛି । ଗତକାଲି ଏହା ୯୨,୮୪୦ ଟଙ୍କା ଥିବା ବେଳେ ପୁଣି ୫୪୦ ଟଙ୍କା ବୃଦ୍ଧି ପାଇଛି ।୨୨ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ୍ ପ୍ରତି ୮୫,୬୦୦ ଟଙ୍କା ଥିବା ବେଳେ ଗତକାଲି ଏହା ୮୫,୧୦୦ ଟଙ୍କା ଥିଲା । ଏଥିରେ ୫୦୦ ଟଙ୍କା ବୃଦ୍ଧି ହୋଇଛି।୧୮ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ୍ ପ୍ରତି ୭୦,୦୪୦ ଟଙ୍କା ଥିବା ବେଳେ ଗତକାଲି ଏହା ୬୯,୬୩୦ ଟଙ୍କା ଥିଲା । ଏଥିରେ ୪୧୦ ଟଙ୍କା ବୃଦ୍ଧି ହୋଇଛି। ସୁନାଦର ଯେପରି ବଢ଼ିଚାଲିଛି ଆଗାମୀ ଅକ୍ଷୟ ତୃତୀୟା ବେଳକୁ ଲକ୍ଷେ ଟପିପାରେ ବୋଲି ବଜାର ବିଶେଷଜ୍ଞମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

## ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ମାଓବାଦୀ: ଡିଜିପି

ସମ୍ବଲପୁର,୩।୪: ଗୁରୁବାର ସମ୍ବଲପୁର ଜିଲ୍ଲା ଗସ୍ତ କରିଛନ୍ତି ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆ। ଏହି ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି , ଆଜି ଉତ୍ତରାଞ୍ଚଳ ପୁଲିସ ରେଞ୍ଜ ଅଧୀନର ସବୁ ଜିଲାର ଏସପିମାନଙ୍କ ସହିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲାଗୁଡ଼ିକର ଆଇନ ଶୃଙ୍ଖଳା ଉପରେ ସମୀକ୍ଷା ହୋଇଛି । ମାଓ ଅଞ୍ଚଳରେ କିଭଳି ସୁରକ୍ଷା ବ୍ୟବସ୍ଥା ରହିବ ସେ ନେଇ ମଧ୍ୟ ସମୀକ୍ଷା କରାଯାଇଛି । ଆଗକୁ ରାମ ନବମୀ ଏବଂ ହନୁମାନ ଜୟନ୍ତୀ ଥିବାରୁ ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା କରାଯାଇଛି । ସମ୍ବଲପୁରରେ ସନ୍ଧ୍ୟା ପର୍ଯ୍ୟନ୍ତ ରହିବାକୁ ଥିବା ବେଳେ ଆଇନ ଶୃଙ୍ଖଳା ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯିବ ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ । ମାଓ ଦମନ ରାଜ୍ୟରେ କମି କମି ଆସୁଛି । ଉତ୍ତରାଞ୍ଚଳ ଅଞ୍ଚଳରେ ଗୋଟିଏ ସ୍ଥାନରେ ଏବେ ବି ଚାଲିଛି ମାଓ ଅପରେସନ। ଅନ୍ୟ ସ୍ଥାନରେ ମଧ୍ୟ ଚାଲିଛି । ଛତିଶଗଡ- ଆନ୍ଧ୍ର ସୀମାରେ ତୀକ୍ଷ୍ଣ ନଜର ରଖାଯାଇଛି । ବିଭିନ୍ନ ସ୍ଥାନରେ ଅପରେସନରେ ସଫଳତା ମଧ୍ୟ ମିଳିଛି । ଯେଉଁ ଜିଲାରେ ମାଓ ସକ୍ରିୟ ଅଛନ୍ତି ସେହିଁ ସ୍ଥାନରେ ଅପରେସନ ଚାଲିଛି । ହିଂସାକୁ ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୁଅ । ଓଡିଶାରେ ଆତ୍ମସମର୍ପଣ ପଲିସି ଭଲ ରହିଛି । ଏଣୁ ସେମାନେ ଆସି ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ ବୋଲି ପୁଲିସ ଡିଜି ମାଓବାଦୀଙ୍କୁ ଆହ୍ୱାନ କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ।

**ମଦ୍ୟପାନ ଦେଖିଦେବାରୁ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ରାଗିଂ**

## ବ୍ଲେଡରେ ହାତ କାଟିଲେ, କ୍ଷତରେ ଲୁଣ ଛାଟିଲେ

ବାରିପଦା,୩।୪: ମଦ୍ୟପାନ କରୁଥିଲେ ନବମ ଶ୍ରେଣୀ ଛାତ୍ର। ଏହା ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଦେଖିଦେବାରୁ ମଦ୍ୟପାନ କରୁଥିବା ଛାତ୍ରମାନେ ତାଙ୍କୁ ମାଡ଼ ମାରିବା ସହିତ ନିର୍ଯାତନା ଦେଇଛନ୍ତି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ବାସିପିଠା ଅଞ୍ଚଳର ଏକ ଉଚ୍ଚ ବିଦ୍ୟାଳୟରେ ଏପରି ଅଭାବନୀୟ ଘଟଣା ଘଟିଛି। ଘଟଣାଟି ଗତ ଫେବୃୟାରୀର ହୋଇଥିବା ବେଳେ ପୀଡ଼ିତ ଛାତ୍ର ଜଣକ କାହାକୁ ଜଣାଇ ନ ଥିଲେ। ବର୍ତ୍ତମାନ ଏହି ରାଗିଂ ସମ୍ପର୍କରେ ଛାତ୍ରଙ୍କ ବାପା ଭୁଗୁଡ଼ାକଟା ଗ୍ରାମର ମନୋରଞ୍ଜନ ବେହେରା ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ବାରିପଦା ଭୁଗୁଡାକଟା ଅଞ୍ଚଳର ଷଷ୍ଠ ଶ୍ରେଣୀ ଛାତ୍ର ଦୀପଙ୍କର ବେହେରାଙ୍କୁ ହଷ୍ଟେଲରେ ରହୁଥିବା ନବମ ଶ୍ରେଣୀ ଛାତ୍ରମାନେ ରାଗିଂ କରିଛନ୍ତି। ନବମ ଶ୍ରେଣୀ ଛାତ୍ରମାନେ ବସି ହଷ୍ଟେଲରେ ମଦ ପିଉଥିବା ଏହି ଷଷ୍ଠ ଶ୍ରେଣୀ ଛାତ୍ର ଜଣକ ଦେଖି ନେଇଥିଲେ। ଏଥି ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ସେ ଜଣାଇଥିଲେ। ପରେ ନବମ ଶ୍ରେଣୀର କିଛି ଛାତ୍ର ତାଙ୍କୁ ପରଦିନ ଏକ ରୁମ ଭିତରେ ଅଟକାଇବା ସହିତ ଲୁହା ରଡ଼ରେ ମାଡ଼ ମାରିଥିଲେ। ବିଧା, ଗୋଇଠା ମାରିବା ସହିତ ବ୍ଲେଡରେ ହାତର ଅନେକ ଜାଗାକୁ କାଟିଥିଲେ। କଟା ଯାଇଥିବା ସ୍ଥାନରେ ଲୁଣ ମାରି ନିର୍ଯାତନା ଦେଇଥିଲେ। କେବଳ ସେତିକି ନୁହେଁ ଯଦି ସେ ବାହାରେ ଏ ଘଟଣା ସେ ଜଣାଏ ତେବେ ଛାତ୍ରମାନେ ଛୁରୀ ଦେଖାଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ସୁଦ୍ଧା ଦେଇଥିଲେ। ଏନେଇ ଛାତ୍ରଜଣଙ୍କ ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଦୀପଙ୍କରଙ୍କ ବାପା ଏନେଇ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ବିଭିନ୍ନ ଦଫା ଲଗାଇ ତଦନ୍ତ ଆରମ୍ଭ କରିଛି। ପୁଅ ଘରକୁ ଛୁଟିରେ ଆସି ଫେରିବା ନେଇ ଅମଙ୍ଗ ହେବା ପରେ ମନୋରଞ୍ଜନ ଘଟଣା ବିଷୟରେ ଜାଣି ଏନେଇ ପୋଲିସରେ ଅଭିଯୋଗ କରିଥିଲେ।

## ମମତା ସରକାରଙ୍କୁ 'ସୁପ୍ରିମ୍' ଝଟକା

### ୨୫୦୦୦ ନିଯୁକ୍ତି ବାତିଲ ପାଇଁ କଲିକତା ହାଇକୋର୍ଟଙ୍କ ନିଷ୍ପତ୍ତି କାଏମ

କୋଲକତା,୩।୪: ପଶ୍ଚିମବଙ୍ଗରେ ୨୫ ହଜାର ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ବାତିଲ କରିବାକୁ କଲିକତା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସମର୍ଥନ କରିଥିବାରୁ ମମତା ସରକାରଙ୍କୁ ସୁପ୍ରିମ ଝଟକା ଲାଗିଛି । ଚୟନ ପ୍ରକ୍ରିୟାକୁ ଦୁର୍ନୀତିଗ୍ରସ୍ତ ଏବଂ କଳଙ୍କିତ ବୋଲି କହି ସରକାରୀ ତଥା ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟରେ ୨୫,୭୫୩ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି, ଚୟନ ପ୍ରକ୍ରିୟାକୁ ପୁଣି ଆରମ୍ଭ କରିବାକୁ ଏବଂ ତିନି ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ମାନବିକତା ଦୃଷ୍ଟିରୁ କେବଳ ଭିନ୍ନକ୍ଷମ କର୍ମଚାରୀଙ୍କୁ କାର୍ଯ୍ୟରେ ରଖାଯିବ । ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗ ସରକାରଙ୍କ ଆବେଦନ ଉପରେ ଏପ୍ରିଲ ୪ ରେ ଶୁଣାଣି ସ୍ଥିର ହୋଇଛି । ଏହି ମାମଲା ପଶ୍ଚିମବଙ୍ଗ ଏସଏସସି ନିଯୁକ୍ତି ମାମଲା ଭାବରେ ମଧ୍ୟ ଜଣାଶୁଣା । ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନା ଏବଂ ବିଚାରପତି ପିଭି ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ଚୟନ ପ୍ରକ୍ରିୟା ସମ୍ପର୍କରେ ଦୃଢ଼ ପର୍ଯ୍ୟବେକ୍ଷଣ କରିଥିଲେ ଏବଂ କହିଥିଲେ ,ନିଯୁକ୍ତିଗୁଡ଼ିକ ଠକେଇ ସହିତ ସମାନ । ଗତ ବର୍ଷ ମେ ୭ ତାରିଖରେ ସୁପ୍ରିମକୋର୍ଟ କଲିକତା ହାଇକୋର୍ଟଙ୍କ ଚାକିରି ବାତିଲ ନିର୍ଦ୍ଦେଶ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଲଗାଇଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋର୍ଟଙ୍କ ଏହି ନିଷ୍ପତ୍ତିକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ସେ ନ୍ୟାୟପାଳିକାକୁ ବହୁତ ସମ୍ମାନ କରନ୍ତି କିନ୍ତୁ ଏହି ନିଷ୍ପତ୍ତିକୁ ଗ୍ରହଣ କରିପାରିବେ ନାହିଁ।

## ସାର୍ବଜନୀନ ହେବ ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପତ୍ତି

## ଦଣ୍ଡଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଛି —

# ଅନ୍ନପ୍ରସାଦ

**'ଅକଟା-ଅବଟା' ନିୟମରେ ପ୍ରସ୍ତୁତ ହୋଇଥାଏ ଭାତ-ଡାଲି**

*"ଅକଟା" – "ଅବଟା" ନିୟମ ପ୍ରକାରେ ଅର୍ଥାତ୍ କୌଣସି ପରିବା କଟାଯିବ ନାହିଁ ଏବଂ ବଟା ଯାଉଥିବା ମସଲା ଦ୍ରବ୍ୟ ବ୍ୟବହାର ନ କରି, ଭାତ- ଡାଲି ପ୍ରସ୍ତୁତ ହୋଇଥାଏ । ତାହା ପୁଣି ପାଟ-ଭୋକ୍ତାଙ୍କ ସ୍ପର୍ଶ ହେଲେ ହିଁ, ରୋଷେଇ ଶେଷ ହୁଏ ।*

ଦୁଲୁକୁଛି ଗାଁ ଦାଣ୍ଡ । ଉତ୍ସବମୁଖର ପୂରା ପରିବେଶ । ଆରମ୍ଭ ହୋଇଯାଇଛି ଗଂଜାମ ଜିଲ୍ଲାର ପ୍ରସିଦ୍ଧ ଲୋକନୃତ୍ୟ ଦଣ୍ଡଯାତ୍ରା । କବିସୂର୍ଯ୍ୟନଗର, ଗୁଡିଆଳି ଭଳି ଅନେକ ଗାଁରେ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଥିବା ବେଳେ ଗାଁ ପୋଖରୀରେ ପୂଜାର୍ଚ୍ଚନା ସହ ଗାଁ ବୁଲିବା ଆରମ୍ଭ କରିଦେଇଛନ୍ତି କାଳିଶି । ଚୈତ୍ର ମାସ ଆସିଗଲେ ମାନସିକଧାରୀ ମାନେ ନିଜ ନିଜର ମାନସିକ ପୂରଣ ନିମନ୍ତେ ଏହି ଦଣ୍ଡଯାତ୍ରାରେ ସାମିଲ ହୋଇଥାନ୍ତି । ଦେହରେ ଗେରୁଆ ବସ୍ତ୍ର ପରିଧାନ କରିବା ସାଙ୍ଗକୁ ହାତରେ ମାଆଙ୍କ ବାନା ଓ ମୟୂର ପିଂଛ ଧରି ମାନସିକଧାରୀମାନେ ଗାଁକୁ ଗାଁ ବୁଲି ଦଣ୍ଡ ଗ୍ରହଣ କରିବା ସହ ଦଣ୍ଡ ଖେଳିଥାନ୍ତି । ଏହି ଦଣ୍ଡଯାତ୍ରା ଚୈତ୍ର ମାସ ମେରୁ ସଂକ୍ରାନ୍ତିରୁ ଠିକ ୨୧ ଦିନ ପୂର୍ବରୁ ଆରମ୍ଭ ହୋଇଥାଏ । ଦଣ୍ଡନାଚରେ ପ୍ରଥମେ ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ରାତ୍ରିରେ ଅଗ୍ନି ଦଣ୍ଡ କରାଯାଇଥାଏ । ବାଦ୍ୟ ଓ ତୁରୀର ତାଳେ ତାଳେ ଦଣ୍ଡୁଆ ମାନସିକଧାରୀମାନେ ଚାଲିଥାନ୍ତି ମାଇଲ ମାଇଲ ବାଟ । ମାନସିକଧାରୀମାନେ ଦିନକୁ ଓଳିଏ ଖାଇବା ସହ ବହୁ ନିଷ୍ଠାର ସହ ନିଜ ବ୍ରତକୁ ପାଳନ କରିଥାନ୍ତି । ଏହିଭଳି ପରମ୍ପରା ଗଂଜାମ ଜିଲ୍ଲାରେ ବହୁ ବର୍ଷ ଧରି ଲାଗିରହିଥିବା ବେଳେ ପ୍ରତ୍ୟେକ ବର୍ଷ ଚୈତ୍ର ମାସରେ ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଏହି ଯାତ୍ରା ସରିଥାଏ । ଚୈତ୍ରପର୍ବ ଦଣ୍ଡଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଛି । ବିଳମ୍ବିତ ରାତିରେ ହେଉଥିବା ଅନ୍ନପ୍ରସାଦ ପ୍ରସ୍ତୁତି । କେବଳ ଦଣ୍ଡ-ଭୋକ୍ତାଙ୍କ ଦ୍ୱାରା ହିଁ ଏହା ସମ୍ପନ୍ନ କରାଯାଏ ।"ଅକଟା" – "ଅବଟା" ନିୟମ ପ୍ରକାରେ ଅର୍ଥାତ୍ କୌଣସି ପରିବା କଟାଯିବ ନାହିଁ ଏବଂ ବଟା ଯାଉଥିବା ମସଲା ଦ୍ରବ୍ୟ ବ୍ୟବହାର ନକରି, ଭାତ-ଡାଲି ପ୍ରସ୍ତୁତ ହୋଇଥାଏ । ତାହା ପୁଣି ପାଟ-ଭୋକ୍ତାଙ୍କ ସ୍ପର୍ଶ ହେଲେ ହିଁ, ରୋଷେଇ ଶେଷ ହୁଏ । ପ୍ରସ୍ତୁତ ଖାଦ୍ୟକୁ ସମସ୍ତ ଦଣ୍ଡ-ଭୋକ୍ତାଙ୍କୁ ପରଷିଲା ପରେ, ଢୋଲ-ମହୁରୀର ଧ୍ୱନିରେ, ନିର୍ଦ୍ଦିଷ୍ଟ ସମୟରେ ପ୍ରସାଦକୁ ସେବନ କରିଥାନ୍ତି । ପରେ ବଳକା ଅନ୍ନ ପ୍ରସାଦକୁ, ସର୍ବସାଧାରଣ ଭକ୍ତମାନଙ୍କୁ ପ୍ରସାଦକୁ ପ୍ରଦାନ କରାଯାଏ । ଯାହାକି ଉକ୍ତ ପ୍ରସାଦ ପାଇବା ପାଇଁ ବହୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ, ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷାକରି ରହିଥାନ୍ତି । ତେବେ ଏହି ଦଣ୍ଡଯାତ୍ରାରେ ସାମିଲ ହେଲେ ଅନେକ ଅସାଧ୍ୟ କାର୍ଯ୍ୟ ସାଧ୍ୟ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି ।

*"ଧାର୍ମିକ ବିଶ୍ୱାସ ଅନୁସାରେ, ପ୍ରଦୋଷ ବ୍ରତ ଦିନ ଭୋଳାନାଥଙ୍କ ପୂଜା କରିବା ଦ୍ୱାରା ପରିବାରରେ ସୁଖ ଏବଂ ସମୃଦ୍ଧି ଆସିଥାଏ । ଏହି ଦିନ ଭଗବାନ ଶିବଙ୍କୁ ପୂଜା କରିବା ଦ୍ୱାରା ଭକ୍ତର ଆଧ୍ୟାତ୍ମିକ ଉନ୍ନତି ହୁଏ । ଏହା ବ୍ୟତୀତ ବିବାହରେ ଥିବା ବାଧା ଦୂର ହୁଏ । ଏହା ସହିତ ଇଚ୍ଛା କରୁଥିବା ଜୀବନସାଥୀ ମଧ୍ୟ ମିଳିଥାନ୍ତି ।*

ପ୍ରଦୋଷ ବ୍ରତ ଦେବତା ମହାଦେବଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଏହି ଦିନ, ଭଗବାନ ଶିବଙ୍କ ସହିତ ମାତା ପାର୍ବତୀ ଏବଂ ସମଗ୍ର ଶିବ ପରିବାରର ପୂଜା କରାଯାଏ । ଏହି ବ୍ରତ ପ୍ରତି ମାସରେ ଶୁକ୍ଳ ପକ୍ଷ ଏବଂ କୃଷ୍ଣ ପକ୍ଷର ତ୍ରୟୋଦଶୀ ତିଥିରେ ପାଳନ କରାଯାଏ । ଏହି ଉପବାସର ବର୍ଣ୍ଣନା ଶିବ ପୁରାଣରେ ମିଳେ । ବିଶ୍ୱାସ କରାଯାଏ ଯେ ଏହି ଦିନ ଭୋଳାନାଥଙ୍କୁ ଭକ୍ତି ସହିତ ପୂଜା କରିବା ଦ୍ୱାରା ବ୍ୟକ୍ତିର ଜୀବନର ସମସ୍ତ ସମସ୍ୟା ଦୂର ହୋଇଯାଏ । ଏହା ସହିତ ଘରେ ସୁଖ ଏବଂ ସମୃଦ୍ଧି ମଧ୍ୟ ରହିଥାଏ । ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ, ଏପ୍ରିଲ ମାସର ପ୍ରଥମ ପ୍ରଦୋଷ ବ୍ରତ ଅର୍ଥାତ୍ ଚୈତ୍ର ମାସ ଶୁକ୍ଳ ପକ୍ଷର ତ୍ରୟୋଦଶୀ ତିଥି ଏପ୍ରିଲ ୯ ତାରିଖ ରାତି ୧୦.୫୫ ରେ ଆରମ୍ଭ ହେବ । ତିଥିର ପରଦିନ ଏପ୍ରିଲ ୧୧ ତାରିଖ ରାତି ୧୦ଟାରେ ଶେଷ ହେବ । ତ୍ରୟୋଦଶୀ ତିଥି ଦିନ, ପ୍ରଦୋଷ ସମୟରେ ପୂଜା କରାଯାଏ । ଏପରି ସ୍ଥିତିରେ, ପ୍ରଥମ ପ୍ରଦୋଷ ଉପବାସ ଏପ୍ରିଲ ୧୦ରେ ପାଳନ କରାଯିବ ।

**ପ୍ରଦୋଷ ବ୍ରତର ଶୁଭ ମୁହୂର୍ତ୍ତ :**

କ୍ୟାଲେଣ୍ଡର ଅନୁସାରେ, ଚୈତ୍ର ମାସର ଶୁକ୍ଳ ପକ୍ଷର ପ୍ରଦୋଷ ବ୍ରତ ଦିନ ପୂଜା ପାଇଁ ଶୁଭ ସମୟ ସନ୍ଧ୍ୟା ୬:୪୪ ରୁ ରାତି ୮:୫୯ ପର୍ଯ୍ୟନ୍ତ ରହିବ । ଏହି ସମୟରେ, ଭକ୍ତମାନେ ରୀତିନୀତି ଅନୁସାରେ ପୂଜା କରିପାରିବେ ।

**ପ୍ରଦୋଷ ବ୍ରତ ପୂଜା ସାମଗ୍ରୀ:**

କୁନିଆରୀ ଫୁଲ, ହାତବନ୍ଧା ସୂତା, ଗଙ୍ଗାଜଳ, କ୍ଷୀର, ପବିତ୍ର ଜଳ, ମହୁ, ଫଳ, ଧଳା ମିଠା, ଧଳା ଚନ୍ଦନ, ଗଞ୍ଜେଇ, ବେଲ ପତ୍ର, ଧୂପକାଠି, ପ୍ରଦୋଷ ବ୍ରତ କଥା ପୁସ୍ତକ ଇତ୍ୟାଦି ପୂଜା ସାମଗ୍ରୀ ଭାବରେ ବ୍ୟବହାର କରାଯାଏ ।

## ମୁଖ୍ୟ ଦ୍ୱାରରେ ଶୁଭ କଳସ

କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକି ଗଲେ କାର୍ଯ୍ୟସିଦ୍ଧି ହୋଇଥାଏ । ସେଥିପାଇଁ ଅନେକେ ଘରର ମୁଖ୍ୟଦ୍ୱାର ନିକଟରେ ଶୁଭ କଳସ ରଖିଥାନ୍ତି । ତେବେ ଏହି ଶୁଭ କଳସ ରଖିବାକୁ ନେଇ ମଧ୍ୟ କିଛିଟା ନିୟମ ରହିଛି, ଯେମିତିକି: ମୁଖ୍ୟ ଦ୍ୱାରର ବାମପଟେ ଶୁଭ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ । ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ । କିନ୍ତୁ ସମ୍ମୁଖରେ ରଖିଲେ ଭୁଲ୍‌ରେ କାହାର ଗୋଡ ବାଜିଯିବାର ସମ୍ଭାବନା ଥାଏ । ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ । କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡିପାରୁଥିବ । ଯଦି ଆପଣଙ୍କ ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ ଆପଣ ଏହି ଶୁଭ କଳସକୁ ମଧ୍ୟ ରଖିପାରିବେ । ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ । ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ୍ ସକାଳ ୯ଟା ଭିତରେ ଶୁଭ କଳସ ବସାଇବା ନିହାତି ଆବଶ୍ୟକ । ଶୁଭ କଳସର ପାଣି ବାସି ହେବା ଠିକ୍ ନୁହେଁ ଅର୍ଥାତ୍ ସକାଳେ ଯେଉଁ ଶୁଭ କଳସ ବସାଇଥିବେ ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ । ପୁନର୍ବାର ତା'ପରଦିନ ଶୁଦ୍ଧ ଜଳରେ ପୁଣି ଶୁଭ କଳସ ବସାଇବେ ।

## କାତ୍ୟାୟନୀ

ନବରାତ୍ର ଷଷ୍ଠ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ । ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ, ସେହି ଅନୁଯାୟୀ ଦେବୀଙ୍କ ନାମ କାତ୍ୟାୟନୀ । ଭଗବାନକୃଷ୍ଣଙ୍କୁ ପତି ରୂପେ ପାଇବାକୁ ବ୍ରଜଗୋପୀମାନେ ଦେବୀ କାତ୍ୟାୟନୀଙ୍କୁ ଆରାଧନା କରିଥିଲେ ।

## ଶ୍ରୀବୃକ୍ଷ

ପ୍ରଭୁ ଶିବଶଙ୍କରଙ୍କୁ ବେଲପତ୍ର ଖୁବ ପ୍ରିୟ, ଏହାର ଶିବ ପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇଛି । ତେଣୁ ସମସ୍ତ ଭକ୍ତ ଶ୍ରଦ୍ଧାର ଭାବ ସହ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ବେଲ ପତ୍ର ଅର୍ପଣ କରିଥାଆନ୍ତି । ଏହାଦ୍ୱାରା ପ୍ରଭୁ ଖୁବ ପ୍ରସନ୍ନ ହେବା ସହ ଭକ୍ତଙ୍କ ଉପରେ କୃପା ଓ ଆଶୀର୍ବାଦ ଦେଇଥାଆନ୍ତି । ପ୍ରଭୁଙ୍କୁ ବେଲପତ୍ର ଅର୍ପଣ କରିବା ସହ ଏହାର ମହତ୍ତ୍ୱ ମଧ୍ୟ ଜାଣନ୍ତୁ । ବେଲ ଗଛକୁ ଶ୍ରୀବୃକ୍ଷ ମଧ୍ୟ କୁହାଯାଏ । ମାନ୍ୟତା ଅନୁଯାୟୀ, ଏଥିରେ ପ୍ରଭୁ ମହାଦେବ ବାସ କରନ୍ତି । ତିନିଟି ପତ୍ର ବିଶିଷ୍ଟ ବେଲପତ୍ରକୁ ତ୍ରିଦେବଙ୍କ ଏକ ରୂପ ବୋଲି ମଧ୍ୟ କୁହାଯାଏ । କିମ୍ବଦନ୍ତୀ ଅନୁଯାୟୀ, ଏକଦା ମାତା ପାର୍ବତୀ ଆଙ୍ଗୁଠିରେ ନିଜ ମଥାରେ ଥିବା ଝାଳକୁ ପୋଛି ପକାଇଦେଇଥିଲେ । ସେହି ଝାଳରୁ କିଛି ବୁନ୍ଦା ମନ୍ଦାର ପର୍ବତରେ ପଡ଼ିଥିଲା । ସେଥିରୁ ହିଁ ବେଲଗଛ ଉତ୍ପନ୍ନ ହୋଇଛି ବୋଲି କୁହାଯାଏ । ଏହି ବେଲ ବୃକ୍ଷ ଅଧିକାଂଶ କେବଳ ମନ୍ଦିର ନିକଟରେ ହିଁ ଥାଏ । ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି, ଘରର ବଗିଚାରେ ବେଲ ବୃକ୍ଷ ଲଗାଇବା ଦ୍ୱାରା ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଯେଉଁ ସ୍ଥାନରେ ଏହି ବୃକ୍ଷ ରହିଥାଏ, ତାହା କାଶୀ ତୀର୍ଥ ଭଳି ପବିତ୍ର ଓ ପୂଜନୀୟସ୍ଥଳ । ଏହାର ପ୍ରଭାବରେ ଘରର ସଦସ୍ୟଙ୍କ ଉପରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ । ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧା ଭାବ ରହିଥାଏ । ଘରେ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ । ଏହା ବାତାବରଣକୁ ଶୁଦ୍ଧ ଓ ପବିତ୍ର କରିଥାଏ । ଏହି ବୃକ୍ଷର ପ୍ରଭାବରେ କୌଣସି କ୍ଷତିକାରକ ଜୀବଜନ୍ତୁ ରୁହନ୍ତି ନାହିଁ । ବେଲପତ୍ର ତୋଳିବା ସମୟରେ କିଛି ସ୍ୱତନ୍ତ୍ର ନିୟମ ପ୍ରତି ଧ୍ୟାନ ରଖିବା ସହ ପ୍ରଭୁ ଭୋଳାଶଙ୍କରଙ୍କୁ ଅର୍ପଣ କରିବା ଶ୍ରେଷ୍ଠ ବୋଲି କୁହାଯାଏ ।

## ଶୁମ୍ଭ-ନିଶୁମ୍ଭଙ୍କୁ ବଧ କରିଥିଲେ ମା' ଦୁର୍ଗା

# ମା'ଙ୍କ କାଳୀଶିଳା ମନ୍ଦିର

*କାଳୀଶିଳା ମନ୍ଦିରକୁ ଦେବୀ ମାତାଙ୍କ ସବୁଠାରୁ ଶକ୍ତିଶାଳୀ ମନ୍ଦିର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହି ମନ୍ଦିର ଭାରତର ପ୍ରମୁଖ ସିଦ୍ଧ ଏବଂ ଶକ୍ତିପୀଠ ମଧ୍ୟରୁ ଗୋଟିଏ ।*

ନବରାତ୍ରିକୁ ହିନ୍ଦୁ ଧର୍ମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ । ନବରାତ୍ରି ହେଉଛି ଶକ୍ତିଙ୍କ ନଅଟି ରୂପକୁ ପୂଜା କରିବାର ସମୟ । ଏହି ସମୟରେ ଦେବୀ ଦୁର୍ଗାଙ୍କ ନଅଟି ଭିନ୍ନ ରୂପର ପୂଜା କରି ଭକ୍ତମାନେ ମାତାଙ୍କ ବିଶେଷ ଆଶୀର୍ବାଦ ପାଇଥାନ୍ତି । ନବରାତ୍ରି ସମୟରେ, ଦେଶବ୍ୟାପୀ ପ୍ରସିଦ୍ଧ ଦେବୀ ମନ୍ଦିର, ଶକ୍ତିପୀଠ ଏବଂ ସିଦ୍ଧପୀଠଗୁଡ଼ିକୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କର ଖୁବ ଭିଡ଼ ଜମେ । ଦେବୀ ଦୁର୍ଗାଙ୍କର ୫୧ଟି ଶକ୍ତିପୀଠ ଅଛି । କୁହାଯାଏ ଶକ୍ତିପୀଠ ଦର୍ଶନ କରିବା ଦ୍ୱାରା ବ୍ୟକ୍ତିଙ୍କର ସମସ୍ତ କଷ୍ଟ ଦୂର ହୋଇଯାଏ । ତେବେ ଚାଲନ୍ତୁ ଜାଣିବା ଏପରି ଏକ ଶକ୍ତିପୀଠ ଯାହା ଉତ୍ତରାଖଣ୍ଡରେ ଅବସ୍ଥିତ । ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗରେ ଅବସ୍ଥିତ କାଳୀଶିଳା ମନ୍ଦିର ହେଉଛି ଏକ ଶକ୍ତିପୀଠ ଯାହା ଚମତ୍କାର ଏବଂ ଦିବ୍ୟଶକ୍ତିରେ ପରିପୂର୍ଣ୍ଣ । ଧାର୍ମିକ ବିଶେଷଜ୍ଞଙ୍କ ମତରେ, କାଳୀଶିଳା ଶକ୍ତିପୀଠର ମାହାତ୍ମ୍ୟ ଅତୁଳନୀୟ ଅର୍ଥାତ୍ ଏହି ସ୍ଥାନର ଶକ୍ତିକୁ କାହା ସହ ତୁଳନା କରାଯାଇପାରିବ ନାହିଁ । ସ୍କନ୍ଦ ପୁରାଣର କେଦାରଖଣ୍ଡରେ ମଧ୍ୟ କାଳୀଶିଳା ମନ୍ଦିର ବିଷୟରେ ଉଲ୍ଲେଖ ଅଛି । ରୁଦ୍ରପ୍ରୟାଗ ଜିଲ୍ଲାର ଉଖିମଠ ଅଞ୍ଚଳରେ, କାଳିମଠ ମନ୍ଦିରରୁ ପ୍ରାୟ ୮ କିଲୋମିଟର ଉଚ୍ଚରେ, କାଳୀଶିଳା ନାମରେ ପରିଚିତ ଏକ ଦିବ୍ୟ ପଥର ଅଛି । ବିଶ୍ୱାସ ଅନୁସାରେ, ଏହି ପଥରରେ ଦେବୀ କାଳୀଙ୍କ ପାଦଚିହ୍ନ ଏବେ ବି ରହିଛି । ଏହି ମନ୍ଦିର ସହ ଜଡ଼ିତ ମାନ୍ୟତା: ଧାର୍ମିକ ବିଶ୍ୱାସ ଅନୁସାରେ, ଦେବୀ ଦୁର୍ଗା କାଳୀଶିଳାରେ ଶୁମ୍ଭ ଏବଂ ନିଶୁମ୍ଭର ବଧ କରିବା ପାଇଁ ୧୨ ବର୍ଷର ବାଳିକାର ରୂପ ଧାରଣ କରିଥିଲେ । ଏହି ଦୁଇ ରାକ୍ଷସଙ୍କୁ ବଧ କରିବା ପରେ ମାତା କାଳୀ ଏହି ସ୍ଥାନରେ ଅଦୃଶ୍ୟ ହୋଇଗଲେ । କୁହାଯାଏ ଯେ କାଳୀଶିଳାରେ ୬୪ଟି ଦେବୀ ଯନ୍ତ୍ର ଅଛି ଏବଂ ଏହି ଯନ୍ତ୍ରଗୁଡ଼ିକରୁ ଦେବୀ ଦୁର୍ଗା ତାଙ୍କର ଶକ୍ତି ପାଇଥିଲେ । ଧାର୍ମିକ ବିଶ୍ୱାସ ଅନୁସାରେ, ୬୪ ଜଣ ଯୋଗିନୀ ଏବେ ବି ଏହି ସ୍ଥାନରେ ବୁଲୁଛନ୍ତି । କାଳୀଶିଳା ମନ୍ଦିରକୁ ଦେବୀ ମାତାଙ୍କ ସବୁଠାରୁ ଶକ୍ତିଶାଳୀ ମନ୍ଦିର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହି ମନ୍ଦିର ଭାରତର ପ୍ରମୁଖ ସିଦ୍ଧ ଏବଂ ଶକ୍ତିପୀଠ ମଧ୍ୟରୁ ଗୋଟିଏ । ନବରାତ୍ରି ଏବଂ ଚାରିଧାମ ଯାତ୍ରା ସମୟରେ ଦେବୀ ମା'ଙ୍କ ଦର୍ଶନ ପାଇଁ କାଳୀଶିଳା ମନ୍ଦିରରେ ଭକ୍ତମାନଙ୍କର ଖୁବ ଭିଡ଼ ଜମେ ।

## ୮୭ଜଣଙ୍କ ହେଲା ଚକ୍ଷୁ ପରୀକ୍ଷା

କେନ୍ଦୁଝର,(ନିପ୍ର) : କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଅଁରା ଗ୍ରାମଠାରେ ଏକ ମାଗଣା ଚକ୍ଷୁ ଶିବିର ଶ୍ରୀମେଟାଲିକ୍ସ ଓ ରୋଟାରି କ୍ଲବ କେନ୍ଦୁଝରଗଡ ଓ ସ୍ୱେଚ୍ଛାସେବୀସେବୀ ଅନୁଷ୍ଠାନ ଏସ ଜି ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । କଟକ ସ୍ଥିତ ଯେପିମ୍ ରାସିସି ଚକ୍ଷୁଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ସଦସ୍ୟ ବୃନ୍ଦ ଅଁରା ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମ ବିନିନ୍ଦା ଆମୁନି ଉରୁମୁଣ୍ଡା ଶଙ୍କରାପଶି ଓ ରାଇଗୁଡା ଗ୍ରାମର ୮୭ଜଣ ଗ୍ରାମ ବାସିନ୍ଦାଙ୍କ ଏହି ଅବସରରେ ଚକ୍ଷୁ ପରୀକ୍ଷା ହୋଇଥିଲା । ସେମାନଙ୍କ ମଧ୍ୟରୁ ୯ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ର ପ୍ରଚାର ନିମନ୍ତେ ଯେପିମ୍ ଚିକିତ୍ସାଳୟକୁ ନିଆଯାଇ ମାଗଣା ଚିକିତ୍ସା କରାଯାଇଛି । ସ୍ଥାନୀୟ ଅଁରା ଉଚ୍ଚବିଦ୍ୟାଳୟରେ ଏହି ଶିବିର କରାଯାଇ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରିଥିଲେ ।

ଶିବିର ପରିଚାଳନାରେ ସରପଞ୍ଚ ବିନତି ପ୍ରଧାନ ଓ ରାୟଗଡାର ବେଣୁଧର ପ୍ରଧାନ ସକ୍ରିୟ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ । କେନ୍ଦୁଝର ରୋଟାରୀ କ୍ଲବ ତରଫରୁ ପ୍ରମୁଖ ସଦସ୍ୟ ସୁରେଶ ଚନ୍ଦ୍ର ଖଟେଇ ଦେବବ୍ରତ ସ୍ୱାଇଁ ରାଜଲକ୍ଷ୍ମୀ ସ୍ୱାଇଁ ଅମୀୟ ବେହେରା ସବିତା ବେହେରା ସତ୍ୟଜିତ ନନ୍ଦ ପ୍ରଶାନ୍ତ ସ୍ୱାଇଁ ଏବଂ ଶ୍ରୀମେଟାଲିକ୍ସ ପ୍ଲାଣ୍ଟର ମୁଖ୍ୟ ସରୋଜ କୁମାର ବିଶ୍ୱାଳ ସବ୍ୟସାଚୀ ବିଶ୍ୱାଳ ଶିଶିର କୁମାର ରାଉତ ପ୍ରଭାତ କୁମାର ପ୍ରଧାନ ଚକ୍ରଧର ପରିଡା ଓ ଏସ ଜି ଫାଉଣ୍ଡେସନ ତରଫରୁ ବିଶ୍ୱପ୍ରକାଶ ଭଟାଚାର୍ଯ୍ୟ, ମାନସ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ମିଶନଶକ୍ତି ମହାସଙ୍ଘର ଦାବିପତ୍ର

ଡାବୁଗାଁ,(ନିପ୍ର): ସମୟ ସୀମା ସାମୟିକ ଭାବେ ବୃଦ୍ଧି କରିବା ନେଇ ଲିଖିତ ପତ୍ର ପ୍ରଦାନ ପୂର୍ବକ ଦାବି କରିଛନ୍ତି ଡାବୁଗାଁ ବ୍ଲକ ମିଶନ ଶକ୍ତିରେ କାର୍ଯ୍ୟରତ ଇସି ମେମ୍ବରମାନେ । ସେମାନଙ୍କ ଦାବି ସରକାର ଦ୍ୱାରା ପ୍ରେରିତ ଚିଠିର ନିର୍ଦ୍ଦେଶନାମା ଅନୁଯାୟୀ ଇସିମାନଙ୍କର ପୁନଃଗଠନ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଯାଉ । କାରଣ ଇ.ସିମାନେ ଷ୍ଟୁଟର ଯୋଜନାରେ ଋଣ ଗ୍ରସ୍ତ ହୋଇ ଗ୍ରୁପରେ ଥିବାବେଳେ ସେମାନଙ୍କ ପ୍ରତି ସରକାର ସହାନୁଭୂତି ଜଣାଇ ନୂତନ ନିର୍ଦ୍ଦେଶନାମାରେ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବା ନିମନ୍ତେ ସୁଯୋଗ ଦେବା ପାଇଁ ଇ.ସି ସଂଘ ତରଫରୁ ତା. ୩୧.୦୩.୨୦୨୫ରିଖରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରାଯାଇଛି । ଏହି ବିଷୟରେ ଡାବୁଗାଁ ବିଡ଼ିଓ ଶରତ ମାଝୀଙ୍କୁ ଡାବୁଗାଁ ବ୍ଲକ ମିଶନଶକ୍ତି ମହାସଂଘର ଇସିମାନେ ଲିଖିତ ଭାବରେ ପତ୍ର ପ୍ରଦାନ କରିଛନ୍ତି । ନିୟମ ପ୍ରକାରେ ଜଣେ ଇସି ମେମ୍ବର ୩ ବର୍ଷ କାର୍ଯ୍ୟକରିପାରିବେ । କିନ୍ତୁ ଡାବୁଗାଁ ବ୍ଲକରେ କାର୍ଯ୍ୟରତ ଅଧିକାଂଶ ଇସି ମେମ୍ବରଙ୍କ କାର୍ଯ୍ୟକାଳ ୩ବର୍ଷ ସରି ନାହିଁ ଏହାକୁ ଦୃଷ୍ଟିରେ ରଖି ପୁନଃଗଠନ ପ୍ରକ୍ରିୟାରେ କିଛି ପରିବର୍ତ୍ତନ କଲେ ସମସ୍ତେ ଉପକୃତ ହେବେ ।

## ବିଦ୍ୟାଳୟ ବାର୍ଷିକ ଉତ୍ସବ

ଡେଲାଙ୍ଗ,(ନିପ୍ର): ଗୁଆଳିପଡା ସେବାଶ୍ରମ ଓ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ବିକାଶ କୁମାର ମହାନ୍ତି ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ କହିଥିଲେ ଚାପ ମୁକ୍ତ କରି ଛାତ୍ର ଛାତ୍ରୀଙ୍କ ମୁହଁରେ ହସ ଫୁଟାଇ ପାରିଲେ ସମସ୍ତ କାର୍ଯ୍ୟ କରିବା ସହଜ ହୋଇପାରିବ । ଫଳରେ ସେମାନଙ୍କର ବିକାଶ ହୋଇପାରିବ । ସେମାନଙ୍କର ବିକାଶ ହେଲେ ଦେଶର ବିକାଶ ହୋଇପାରିବ । କଥା ପ୍ରସଙ୍ଗରେ କହିଥିଲେ ଅନୁସୂଚିତ ଜାତି ଜନଜାତିର ଛାତ୍ରୀମାନେ ଗୁଆଳିପଡା ସେବାଶ୍ରମ ହଷ୍ଟେଲ ରହି ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇ ଉପକୃତ ହୁଅନ୍ତୁ । ଏହି ଉତ୍ସବରେ ସମ୍ମାନୀତ ଅତିଥି ରୂପେ ଏବିଇଓ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ଡବ୍ଲୁଓ - ସୁଲତା ପ୍ରଧାନ, ସିଆରସିସି ପବିତ୍ର କୁମାର ପଣ୍ଡା, ଦୁର୍ଯୋଧନ ପ୍ରଧାନ, ଜଗନ୍ନାଥ ପରିଡ଼ା , ପ୍ରଦୀପ ବଳିୟାରସିଂହ ଯୋଗଦେଇଥିଲେ ।

## ମା' ବ୍ରାହ୍ମଣ ଦେବୀଙ୍କ ଶୁଭଖୁଣ୍ଟି ସ୍ଥାପନ

ବେଲଗୁଣ୍ଡା(ନିପ୍ର): ଗଞ୍ଜାମ ଜିଲ୍ଲାର ମନ୍ଦିରମାଳିନୀ ସହର ବେଲଗୁଣ୍ଡାର ୨୦୨୫ ତଥା ଏହି ବର୍ଷ ହେବାକୁ ଥିବା ଐତିହାସିକ ଦ୍ୱିବାର୍ଷିକ ମା' ବ୍ରାହ୍ମଣ ଦେବୀ ଯାତ୍ରା ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ଅବସରରେ ବେଲଗୁଣ୍ଡା କୋଳିସାହିର ଯାତ୍ରା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ମଧ୍ୟହ୍ନରେ ମା'ଙ୍କ ବାପଘର କୋଳିସାହି କମିଟି, ବେଲଗୁଣ୍ଡା ସହର ବାସିନ୍ଦା ଅସ୍ଥାୟୀ ପୀଠ ଠାରୁ ବାଜା, ବାଣ, ରୋଷଣୀ ସହିତ ଏକ ସୌନ୍ଦର୍ଯ୍ୟଭରା ଶୋଭାଯାତ୍ରାରେ ବାହାରି କୋଳି ସାହି, କଂସାରୀ ସାହି, ବଡ଼ଦାଣ୍ଡ ସାହି, ଭଗବତ ପାଟଣା ଦେଇ ମା' ବ୍ରାହ୍ମଣ ଦେବୀଙ୍କ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ବେହେରା ମା'ଙ୍କୁ ସ୍ମରଣ କରି ଆବାହନ କରିଥିଲେ । ମା'ଙ୍କୁ ମଙ୍ଗଳ ଆରତି କରାଯାଇ ଆଶିର୍ବାଦ ନେଇ ପୀଠରେ ଥିବା ବାଉଁଶ ବଣରୁ ଏକ ବାଉଁଶକୁ ଶୁଭଖୁଣ୍ଟି ରୂପେ ପୂଜାର୍ଚ୍ଚନା କରିଥିଲେ । ତା'ପରେ ସେହି ବାଉଁଶକୁ ସୁନା କାତିରେ ଛେଦନ କରାଯାଇଥିଲା । ତାହାକୁ ନେଇ ବେଲଗୁଣ୍ଡା କୋଳିସାହି ସ୍ଥିତ ଅସ୍ଥାୟୀ ପୀଠରେ ପୂଜାର୍ଚ୍ଚନା ସହିତ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ।

### 'ଆମ ପୋଷାକ ଆମ ପରିଚୟ' ଉପରେ ଆଲୋଚନାଚକ୍ର

# 'ହସ୍ତତନ୍ତ ପୋଷାକ ଓଡ଼ିଆକୁ ସ୍ୱତନ୍ତ୍ର ପରିଚୟ ଦେଇଛି'

**ରାୟଗଡା(ନିପ୍ର):** ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ପାରମ୍ପରିକ ପୋଷାକ ପରିଧାନ ଦିବସ ଭାବରେ ପାଳିତ ହୋଇଯାଇଛି । ଆଜି ସମସ୍ତ କର୍ମଚାରୀମାନେ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରି କାର୍ଯ୍ୟରେ ଯୋଗଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚିନ୍ତନ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ନିହାର ରଞ୍ଜନ କହଁର ଯୋଗଦେଇ ପାରମ୍ପରିକ ପୋଷାକ ପରିଧାନ ଓ ବୁଣାକାରମାନଙ୍କ ଜୀବନ ଧାରଣର ମାନ ବୃଦ୍ଧି କରିବାସହ ଆଞ୍ଚଳିକ ପରିଚୟ ପରିପ୍ରକାଶ କରୁଥିବା ପ୍ରକାଶ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ଜିଏମ ଡ଼ିଆଇସି, ରାୟଗଡ ଏବଂ ସହ ନିର୍ଦ୍ଦେଶକ, ହସ୍ତତନ୍ତ ବିଭାଗ, ରାୟଗଡ଼, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧାନ ସରକାରଙ୍କ ବିସ୍ତୃତ ଭାବରେ ସରକାରଙ୍କ ସୃଜନଶୀଳ ଚିନ୍ତାଧାରା ବିଷୟରେ ଉପସ୍ଥାପନା କରିଥିଲେ । ଜିଲ୍ଲାସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**ପାରଳାଖେମୁଣ୍ଡି :** ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳିତ ଅବସରରେ ଗଜପତି ଜିଲ୍ଲାସ୍ତରୀୟ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି । ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ଓଡ଼ିଶା ଦିବସ ୧ ଅପ୍ରେଲ ଠାରୁ ମହାବିଷୁବ ସଂକ୍ରାନ୍ତି ୧୪ ଅପ୍ରେଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ । ଏହି ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକ୍ରମଗୁଡ଼ିକ ସ୍ଥିର କରାଯାଇଛି । ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧ ରହିଛି । ଏଣୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା । କେବଳ ଆଜି ନୁହେଁ, ସବୁ ଦିନ ପିନ୍ଧିବା ଏବଂ ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ।

**ଚମ୍ପୁଆ :** ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ଓଡିଆ ପକ୍ଷ ପାଳନ ୨୦୨୫ ପରିପ୍ରେକ୍ଷୀରେ ଏପ୍ରିଲ ୩ ତାରିଖକୁ ଆମ ପୋଷାକ ଆମ ପରିଚୟ ଭାବରେ ପାଳନ କରାଯାଉଥିବା ବେଳେ ପାରମ୍ପରିକ ପୋଷାକ ପରିଧାନ ଅଭିଯାନ ଆରମ୍ଭ କରାଯାଇଛି । ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ ସମୃଦ୍ଧ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଭାଗିଦାର ହେବାକୁ ଆହ୍ୱାନ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଉପଜିଲାପାଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମ୍ବଲପୁରର ହସ୍ତତନ୍ତ ପୋଷକ ପରିଧାନ କରି ଆମ ପୋଷାକ ଆମ ପରିଚୟ ତଥା ଓଡ଼ିଆ ଅସ୍ମିତାର ବାର୍ତ୍ତା ବାଣ୍ଟିଥିଲେ । ଓଡ଼ିଶାର ସଂସ୍କୃତି ଓ ପରମ୍ପରା ହିଁ ଓଡିଆର ମାନଦଣ୍ଡ ହୋଇଥିବା ବେଳେ ହସ୍ତତନ୍ତ ପୋଷାକ ଆଜି ଓଡିଆକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।

## 'ଏ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆରେ ଶାସନ ବ୍ୟବସ୍ଥା ଚାଲିପାରିନାହିଁ'

ଭୁବନେଶ୍ୱର,(ନିପ୍ର): ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସଭ୍ୟସଭ୍ୟାମାନେ ଭୁବନେଶ୍ୱର ରାଜଭବନ ସାମ୍ନାରେ ଥିବା ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଓଡ଼ିଶା ଦିବସ ପାଳନ କରିଛନ୍ତି । ମଞ୍ଚର ଅଧ୍ୟକ୍ଷ ଡକ୍ଟର ଜଗବନ୍ଧୁ ଷଡଙ୍ଗୀ ପ୍ରକାଶ କରିଛନ୍ତି ଯେ ୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱାଧୀନ ପ୍ରଦେଶ ରୂପେ ସ୍ୱୀକୃତି ପାଇବାର ୮୯ ବର୍ଷ ପୂର୍ତ୍ତି ପରେ ଆମେ ୯୦ ବର୍ଷରେ ପଦାର୍ପଣ କରିଛେ । କିନ୍ତୁ ଓଡ଼ିଶାର ସ୍ୱାଭିମାନ ତଥା ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏବଯାତ୍ ଯଥେଷ୍ଟ ପଦକ୍ଷେପ ନେଇପାରୁନାହୁଁ । ଏ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆରେ ଶାସନ ବ୍ୟବସ୍ଥା ଚାଲିପାରିନାହିଁ । ଆମ ସରକାର ସୀମାନ୍ତ ରାଜ୍ୟଗୁଡ଼ିକରେ ନାମକୁ ମାତ୍ର କିଛି ଓଡ଼ିଆ ଶିକ୍ଷକ/ଓଡ଼ିଆ ପାଠ୍ୟପୁସ୍ତକ କେତେକ ନିର୍ଦ୍ଦିଷ୍ଟ ବେସରକାରୀ ସଂସ୍ଥା ଜରିଆରେ ଯୋଗାଇ ତାଙ୍କ କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି ।

ରାଜ୍ୟ ସରକାର ଓଡ଼ିଶାର ସବୁ ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଅଫିସରମାନଙ୍କୁ ନିଯୁକ୍ତି ଦେଇ ସେମାନଙ୍କ କାର୍ଯ୍ୟ ଓ ସୀମାରେ ଅନ୍ୟ ରାଜ୍ୟଗୁଡ଼ିକର ଆଧିପତ୍ୟର ସମୀକ୍ଷା କରିବାକୁ ଏକ ନିରପେକ୍ଷ ବେସରକାରୀ କମିଟି ଗଠନ କରନ୍ତୁ । ବିଚ୍ଛିନ୍ନାଞ୍ଚଳର ବିଦ୍ୟାଳୟଗୁଡ଼ିକୁ ସାହାଯ୍ୟ ଏକ ସରକାରୀ ସଂସ୍ଥା ତତ୍ତ୍ୱାବଧାନରେ ଦିଆଯାଉ ବୋଲି ଡ. ଷଡଙ୍ଗୀ ପ୍ରସ୍ତାବ ରଖିଛନ୍ତି । ଡ.ଷଡଙ୍ଗୀଙ୍କ ସମେତ ମଞ୍ଚର ଉପାଧ୍ୟକ୍ଷ ଇଂ.ବଂଶୀଧର ପାତ୍ରୀ, ରାଜ୍ୟ ସାଧାରଣ ସମ୍ପାଦକ ଅଧ୍ୟକ୍ଷ ଅମୀର ପ୍ରସାଦ ସାହୁ, କୋଷାଧ୍ୟକ୍ଷ ନମିତା ରାଓ, ପରିଚାଳନା କମିଟି ସଭ୍ୟ/ସଭ୍ୟା ସୌଦାମିନୀ ପଣ୍ଡା, ଆଭା ଦାସ, କ୍ଷିତୀଶ ପାଲଟାସିଂହ, ଲାୟନ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପରେ ସଭ୍ୟ ଓ ସଭ୍ୟାମାନେ ଉତ୍କଳ ସମ୍ମିଳନୀ ସଭାଗୃହରେ ଓ ଲୋହିଆ ଭବନରେ କାକଟପୁର ସଂଗ୍ରାମ ସ୍ମୃତି କମିଟି ଦ୍ୱାରା ଆହୂତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମଞ୍ଚର ଅଧ୍ୟକ୍ଷ ଡ. ଷଡଙ୍ଗୀ ଓଡ଼ିଶାର ତଥା ଓଡ଼ିଆ ଭାଷାର ଉନ୍ନତିକଳ୍ପେ ନିଜର ମତ ରଖିଥିଲେ ।

# ଧାମନଗରରେ ଜଳସେଚନ ଡିଭିଜନ କାର୍ଯ୍ୟାଳୟ ଆରମ୍ଭ

ଧାମନଗର(ନିପ୍ର): ଯାଜପୁର ଜଳସମ୍ପଦ ଅଧୀନରେ ଆଖୁଆପଦା ଓ ଧାମନଗର ଜଳସମ୍ପଦ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ ପରିଚାଳିତ ଜଳସମ୍ପଦ ବିଭାଗର ଆଖୁଆପଦା ନାମରେ ଡିଭିଜନ ସ୍ୱୀକୃତି ପାଇଥିବା ବେଳେ ଉକ୍ତ କାର୍ଯ୍ୟାଳୟ ଆଜିଠାରୁ ଧାମନଗର ଜଳସେଚନ କାର୍ଯ୍ୟାଳୟ ରେ କାର୍ଯ୍ୟକ୍ଷମ ହୋଇଚି । ଉକ୍ତ କାର୍ଯ୍ୟାଳୟ ରେ ପୂଜାପାଠ କରାଯାଇ ଥିଲା । ଏବଂ ଠାରେ ଅଧିକ୍ଷଣ ଯନ୍ତ୍ରୀ ଭାବେ ଶରତ ଚନ୍ଦ୍ର ଘଡାଇ କାର୍ଯ୍ୟ ରେ ଯୋଗ ଦେଇଛନ୍ତି ଏବଂ ୩ ତାରିଖ ଠାରୁ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ । ଆଜି ଧାମନଗର କର୍ଯ୍ୟଳୟକୁ ନୂଆ ରୂପରେ ଫୁଲ ସଜାଇ ଦିଆଯାଇଥିଲା । ସୁଚନା ଥାଉକି ପୂର୍ବ ସରକାର ସମୟରେ ତତ୍କାଳିନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଧାମନଗର ଠାରେ ଡିଭିଜନ କାର୍ଯ୍ୟାଳୟ ପାଇଁ ବିଧାନସଭାରେ ପ୍ରସ୍ତାବ କରି ମଞ୍ଜୁର କରିଥିଲେ ।ମାତ୍ର ଭଣ୍ଡାରିପୋଖରୀ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉକ୍ତ କର୍ଯ୍ୟାଳୟକୁ ଆଖୁଆପଦା ନେଇ ଯାଇଥିଲେ ମନ୍ତ୍ରୀଙ୍କ ଚାପରେ ମୁକ୍ତି ରୂପ ରହିଥିଲେ । ପରବର୍ତ୍ତୀ ସମୟରେ ଧାମନଗର ରେ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନୂତନ ଭାବେ ମନ୍ତ୍ରୀ ଭାବେ ଦାଇତ୍ୱ ଗ୍ରହଣ କରିବା ପରେ ଧାମନଗର ରେ ଉକ୍ତ କାର୍ଯ୍ୟାଳୟ ର ଆବଶ୍ୟକତା କୁ ଗୁରୁତ୍ୱ ଦେଇଥିଲେ । ଶେଷରେ ତାହା ସଫଳ ମଧ ହୋଇଛି । ତେବେ ଧାମନଗର ଉପଖଣ୍ଡ କାର୍ଯ୍ୟାଳୟରେ ଡିଭିଜନ କାର୍ଯ୍ୟାଳୟ ଖୋଲିବା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କାର୍ଯ୍ୟକୁ ସ୍ୱାଗତ କରା ଯାଇଥିଲା । ଖୁବ ଶୀଘ୍ର ଧାମନଗର ଠାରେ ୮ କୋଟି ଟଙ୍କା ବେୟ କରାଯାଇ ନୂତନ ସ୍ଥାୟୀ କାର୍ଯ୍ୟାଳୟ କରାଯିବ । ତେବେ ଧାମନଗର ଠାରେ ଏହି କାର୍ଯ୍ୟାଳୟ ଖୋଲିବା ପରେ ଭଣ୍ଡାରିପୋଖରୀ ବିଧାୟକ ସଂଜିବ ମଲିକ ବିଧାନସଭା ରେ ବିରୋଧ କରିଥିବା ଜଣା ଯାଇଛ ।

## ଇସି ପୁନଃଗଠନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ଦାବି

ବଡସାହି,(ନିପ୍ର): ବଡସାହି ବ୍ଲକ ଇସି ସଂଘ ପକ୍ଷରୁ ଗୁରୁବାର ବିଡ଼ିଓ ବନଜା ଦାସଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବତନ ସରକାର ଓଡ଼ିଶା ଜୀବିକା ମିଶନକୁ ଅଧିକ କ୍ରିୟାଶୀଳ କରିବାକୁ ଲକ୍ଷ୍ୟ ରଖି ତୃଣମୂଳ ସ୍ତରରେ ଇସି ସଦସ୍ୟାମାନଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ଷ୍ଟୁଟି ଯୋଜନାରେ ସାମିଲ କରିଥିଲେ । ଫଳରେ ବଡସାହି ବ୍ଲକରେ ୨୯୦୯ ସ୍ୱୟଂ ସହାୟକ ଗୋଷ୍ଠୀକୁ ପରିଚାଳନା କରୁଥିବା ୬୦୦ ଇସି ସଭ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ସଭ୍ୟମାନେ ଷ୍ଟୁଟି ଋଣ କରିଛନ୍ତି । ମାତ୍ର ବର୍ତ୍ତମାନର ସରକାର ଇସି ସଦସ୍ୟାମାନଙ୍କର ପୁର୍ନଃଗଠନ ପାଇଁ ବ୍ଲକକୁ ଚିଠି କରିଥିବାରୁ ସେମାନେ ମାନସିକ ଚାପରେ ଅଛନ୍ତି । ଋଣ ସୁଝିବା ପାଇଁ ଆଗାମୀ ୩ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରତ ଏହି ସଦସ୍ୟାମାନଙ୍କର ଚୁକ୍ତି କାଏମ ରଖିବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି । ବଡସାହି ବ୍ଲକ ଇସି କାର୍ଯ୍ୟକାରିଣୀ କମିଟି ସଂଘର ସଭାପତି ପୂର୍ଣ୍ଣିମା ମିଶ୍ର, ସବିତା ବେହେରା ଓ ଅନିତା ରାଣୀ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ସଦସ୍ୟାମାନେ ବିଡ଼ିଓଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

## ଏନସିସି ଗ୍ରୁପ ମୁଖ୍ୟାଳୟର ୭୬ ତମ ପ୍ରତିଷ୍ଠା ଦିବସ

କଟକ(ନିପ୍ର): ଓଡିଶାର ବିକାଶ କାହାଣୀରେ ଯୁବବର୍ଗଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଆମ ପାଇଁ ଏହା ଗର୍ବର ବିଷୟ

ତିଥି : (ସପ୍ତମୀ) : (ମୃଗଶିରା ଆର୍ଦ୍ରା)
ଅମୃତବେଳା: ପ୍ରାଘ ୬।୨୫ ମଧ୍ୟେ ଦିଘ ୪।୨୨ ଗତେ

## ଆଜିର ଅନୁଚିନ୍ତନ

ସ୍ଥିର ଚିତ୍ତ କାରଣରୁ ହୁଏ ନାହିଁ କ୍ଷତି
ଯେଉଁ ବିଷୟେ ଜ୍ଞାନୀର ନ ଥାଏ ଆସକ୍ତି।।
- ଶ୍ରୀମଦ୍ ଭଗବଦ୍ ଗୀତା

# କାହିଁକି ଏ ବର୍ବରତା ?

ମୟୂରଭଂଜର ଏକ ଆବାସିକ ସ୍କୁଲରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ନବମ ଶ୍ରେଣୀର କିଛି ପିଲା ନିର୍ଯାତନା ଦେଇଛନ୍ତି । ଗତ ଫେବୃଆରୀର ଏହି ଘଟଣା । ଥାନାରେ ଏତଲା ପରେ ଏବେ ଲୋକଲୋଚନକୁ ଆସିଛି । ଛାତ୍ର ଜଣଙ୍କ ନବମ ଶ୍ରେଣୀର ଜଣେ ପିଲା ମଦ୍ୟପାନ କରୁଥିବା ଦେଖିବାକୁ ପାଇବା ପରେ ପ୍ରଧାନଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ବୋଲି କୁହାଯାଉଛି । ପରବର୍ତ୍ତୀ ସମୟରେ ନବମ ଶ୍ରେଣୀର କିଛି ଉଦ୍‌ଭ୍ରାନ୍ତ ପିଲା ଆଲୋଚ୍ୟ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ହାତ, ପିଠି ପ୍ରଭୃତିରେ ବ୍ଲେଡରେ ଚିରିବା ପରେ ସେଥିରେ ଲୁଣ ଗୁଣ୍ଡ ପକାଇବା, ନିଷ୍ଠୁକ ପିଟିବା, ଏସବୁ କଲେ । ଏ ବର୍ବରତା ସଭ୍ୟ ସମାଜ ପ୍ରତି ଉପହାସ । ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରୁ କେତେକରେ ରାଗିଂ ତାର କାୟା ବିସ୍ତାର କରିଥିବା ସମସ୍ତେ ଜାଣନ୍ତି । ରାଗିଂ କାରଣରୁ କିଛି ଛାତ୍ରଛାତ୍ରୀ ଜୀବନ ହାରିବା ଘଟଣା ମଧ୍ୟ ଘଟିଛି । ଯିଏ ଶୃଙ୍ଖଳିତ ନ ହେବ ସେ ବିଶୃଙ୍ଖଳାର ଜାଲରେ ପଡ଼ିବା ନିଶ୍ଚିତ । ସାମାଜିକ ଅସ୍ଥିରତାର ସେ ମଧ୍ୟ କାରଣ ହୁଏ । ଚରିତ୍ର ଜାତିର ମାନଦଣ୍ଡ ବୋଲି କୁହାଯାଏ । ନୈତିକତା ମୂଲ୍ୟବୋଧ ସହ ଶିକ୍ଷା ଆହରଣ, ଲକ୍ଷ୍ୟ ହାସଲ ଦିଗରେ ସହାୟତା କରିଥାଏ । ମାତ୍ର ହଷ୍ଟେଲରେ ଘଟିଥିବା ଏହି ଘଟଣା ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଶିଥିଳତା ବିଶୃଙ୍ଖଳା ପଛରେ ରହିଛି କି ନାହିଁ ତାହା ଇଙ୍ଗିତ କରିବା ନିଷ୍ପ୍ରୟୋଜନ । ଷଷ୍ଠ ଶ୍ରେଣୀର ନିର୍ଯାତିତା ପିଲାଟି ଗତ ମାସରେ ଘରକୁ ଫେରି ଯେବେ ସ୍କୁଲ ଫେରିବାକୁ ଅମଙ୍ଗ ହେଲା ଓ ତାହାର ପରିବାର ଲୋକଙ୍କ ଖୋଳତାଡ଼ ପରେ ତା ପ୍ରତି ହୋଇଥିବା ନିର୍ଯାତନା ଜଣାପଡିଥିଲା । ଛାତ୍ର ଜଣଙ୍କୁ କୁଆଡ଼େ ଧମକ ଦିଆଯାଇଥିଲା ଯେ ନିର୍ଯାତନା ଦିଆଯାଇଛି ବୋଲି କାହା ଆଗରେ ପ୍ରକାଶ ନ କରିବାକୁ । ଯଦି ପ୍ରକାଶ କରିବ ତେବେ ଜୀବନରୁ ମାରି ଦେବାକୁ ମଧ୍ୟ ଧମକ ଦିଆଯାଇଥିଲା । ଇଏ କି ପ୍ରକାର ନାରକୀୟତା ସହଜେ ଠଉରେଇ ହୁଏ । ଯାହା ଜଣାପଡୁଛି ଉକ୍ତ ହଷ୍ଟେଲରେ କିଛି ପଥଭ୍ରଷ୍ଟ ଛାତ୍ର ନିୟମିତ ଭାବରେ ହେଉ କି ମଝିରେ ମଝିରେ ହେଉ ମଦ୍ୟପାନ କରିଆସୁଛନ୍ତି । ତଳ ଶ୍ରେଣୀର ପିଲାଙ୍କ ପ୍ରତି ସ୍ନେହଶୀଳ ହେବା ପରିବର୍ତ୍ତେ ଆକ୍ରମାଣାତ୍ମକ ରାଗିଂ ବା ନିର୍ଯାତନା ସଂପୃକ୍ତ ଛାତ୍ରମାନଙ୍କ ନୈତିକ ଅଧୋପତନ କେଉଁସ୍ତରରେ ପହଞ୍ଚିଲାଣି ତାହାର ପରିଚୟ ଦିଏ । ମନେ ହେଉଛି ଜିଲ୍ଲା ପ୍ରଶାସନ ନିୟମିତ ଭାବରେ ହଷ୍ଟେଲ ଥିବା ସ୍କୁଲଗୁଡ଼ିକ କେମିତି ଚାଲିଛି, ପିଲାମାନେ ପାଠପଢୁଛନ୍ତି କି ନାହିଁ, କିଛି ଅସଙ୍ଗତି ବା ନିର୍ଯାତନା ଆଧାରିତ ଘଟଣା ଘଟୁଛି କି ନାହିଁ ସେ ସଂପର୍କରେ ନିଗା ରଖୁନାହାନ୍ତି । ଯଦି ଉକ୍ତ ସ୍କୁଲରେ ଏପରି ଘଟଣା ଘଟୁଛି ଅନ୍ୟ କେଉଁଠି ହଷ୍ଟେଲ ଥିବା ସ୍କୁଲରେ ଘଟୁଛି କି ନାହିଁ ତାହାର ତଦାରଖ ଦାୟିତ୍ୱ ବୁଝିବା କର୍ତ୍ତୃପକ୍ଷଙ୍କ ପକ୍ଷେ ଉଚିତ କି ଅନୁଚିତ ସେନେଇ ପ୍ରଶାସନ ଆତ୍ମସମୀକ୍ଷା କରନ୍ତୁ ।

ଶିଶୁ ସମୟ କ୍ରମେ ଯୁବାବସ୍ଥାରେ ପଦାର୍ପଣ କରନ୍ତି । ମୂଳରୁ ଯଦି ଆଶା-ଆକାଂକ୍ଷା-ଉନ୍ନତିର ମଙ୍ଗ ନ ଧରିବେ ଓଲଟି ମଦ୍ୟପାନ ପୂର୍ବକ ଅନ୍ୟମାନଙ୍କୁ ନିର୍ଯାତନା ଦେବେ, ତାହା ଛାତ୍ରାବସ୍ଥାରୁ ଅପରାଧୀ ଡିଆରିର କଳାକୌଶଳ ସେମାନେ ଆହରଣ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସହଜେ ସରକାରଙ୍କ ନିଶାକାରବାର ଉପରେ କଡ଼ା ଦମନମୂଳକ ନୀତିର ଅଭାବ ଜଣାଶୁଣା । ମଦ ଦୋକାନରୁ ଖୋଲାଖୋଲି ଯେକୌଣସି ବୟସର ଲୋକେ ମଦ କିଣିପାରିବା ଲକ୍ଷ୍ୟ କରାଯାଉଛି । ତାହା ଦିଗ୍‌ଭ୍ରଷ୍ଟ ଏପରି ଛାତ୍ରଙ୍କ ହାତକୁ ଯିବା ବିଚିତ୍ର ନୁହେଁ । ପରୋକ୍ଷରେ ଏକ ଭୟଙ୍କର ତଥା ଉନ୍ମତ୍ତ ଯୁବଗୋଷ୍ଠୀ ଡିଆରିରେ ଏପରି ସ୍ଥିତି ସହାୟତା କରୁଛି ଏହା ହିଁ ବୁଝାଯିବ ।

ରାଜ୍ୟରେ ସବୁଠୁ ଅଧିକ ସଂଖ୍ୟକ ବ୍ୟକ୍ତି ନିଶାଗୁଡ଼ିକ ମଧ୍ୟରୁ ମଦ୍ୟପାନକୁ ପ୍ରାଧାନ୍ୟ ଦେଉଛନ୍ତି । ତାହା ପଛକୁ ଗଂଜେଇ ଓ ବ୍ରାଉନସୁଗାରର ସ୍ଥାନ । ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କ ପାଖକୁ ମଦ ଭଳି ମାଦକଦ୍ରବ୍ୟ ପହଞ୍ଚୁଛି । କିଏ ଏହାର ସାହାଣମେଳା ପାଇଁ ଦାୟୀ ସେଥିନେଇ କାହାରି ପାଖରେ ଖବର ନାହିଁ । ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଜଗୁଆଳ ହେଲେ ବାପାମା, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ହଷ୍ଟେଲର ୱାର୍ଡେନ ବା କର୍ତ୍ତୃପକ୍ଷ । ମାତ୍ର ଯାହା ଜଣାପଡୁଛି ନିଜ ନିଜ କର୍ତ୍ତବ୍ୟ ସଂପର୍କରେ ଅଧିକାଂଶ ଉପଯୁକ୍ତ ଭାବରେ ସଚେତନ ନୁହନ୍ତି । ଯଦି ଏଭଳି ଅବସ୍ଥା ଜାରି ହୁଏ, ଆଗକୁ ସରକାର ନିଜ ମୁଣ୍ଡରେ ହାତ ପିଟିବା ପରେ ହେବ । ବେଳହୁଁ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ସହଭାଗିତାରେ ସରକାର ନିରାକରଣର ଚିନ୍ତା କରନ୍ତୁ ।

# ଆଉ ମିଳୁନି ଦେଶୀ ନଡ଼ିଆ !

### ଭାରତ ଭୂଷଣ ମିଶ୍ର

ନଡ଼ିଆ ଯାହାର ଅନ୍ୟ ନାମ ନାରିକେଳ । ସବୁଠି ତାହାର ଚାହିଦା । ରୋଷେଇ ଶାଳ ଠାରୁ ଦେବାଳୟ ପର୍ଯ୍ୟନ୍ତ । ନଡ଼ିଆ ଗଛଟିଏ ଲଗାଇ ଏଥିରେ ଫଳ ଅମଳ ହେବା ସମୟ ସାପେକ୍ଷ । ମାତ୍ର ଅମଳ ଆରମ୍ଭ ପରେ ଏହା ନିୟମିତ ଭାବରେ ଲାଭଦାୟକ ହୋଇଥାଏ । ନଡ଼ିଆ ଗଛର ପତ୍ର ବରଡା ଜାଲେଣି ଭାବେ ବ୍ୟବହୃତ ହେଉଥିବା ବେଳେ ଏଥିରୁ ବାହାରୁଥିବା ଖଡ଼ିକାରେ ଝାଡୁ ପ୍ରସ୍ତୁତ ହୋଇଥାଏ । ବାହାରୁଥିବା କତା ଯେଉଁଥିରେ ପାପୋଛ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଜିନିଷ ମଧ୍ୟ ପ୍ରସ୍ତୁତ କରାଯାଏ । ଏହି ନଡ଼ିଆ କତାରୁ ପ୍ରସ୍ତୁତ ସାମଗ୍ରୀର ଚାହିଦା ଥିବାବେଳେ କତାଶିଳ୍ପ ମାନ ମଧ୍ୟ ଗଢିଉଠି ରୋଜଗାର ଦେଇଥାଏ । ଶୁଖିଲା ନଡ଼ିଆରୁ ମଧ୍ୟ ତେଲ ପ୍ରସ୍ତୁତ ହୋଇଥାଏ । କତା,ନଡ଼ିଆ ଖୋଳପା ମଧ୍ୟ ଜାଳେଣି ରୂପେ ବ୍ୟବହାର ହୁଏ ମୋଟ ଉପରେ ଦେଖିବାକୁ ଗଲେ ଫଳନ୍ତି ନଡ଼ିଆ ଗଛ କେବଳ ଲାଭ ହିଁ ଲାଭ ଦେଇଥାଏ ।

କିନ୍ତୁ ପ୍ରାୟ ଦୁଇ ଦଶନ୍ଧି ତଳୁ କମିଚାଲିଛି ଏହି ଫଳ,ଆଗଭଳି ଦେଖାଯାଉ ନାହାନ୍ତି ନଡ଼ିଆ ବେପାରୀ । ଏହି ଗଛର ପ୍ରଥମ ଶତ୍ରୁ ପବନ ଯାହାକି ଗତ ୧୯୯୯ ମସିହା ମହାବାତ୍ୟା ଠାରୁ ଫାଇଲିନ,ଫନି ପରି ବାତ୍ୟା ଏହି ଚାଷ ଉପରେ ଦାଉ ସାଧିସାରିଛି । ବିଶେଷ ଭାବରେ ପୁରୀ ,କଟକ,ଖୋର୍ଦ୍ଧା,ଜଗତସିଂହପୁର ସହିତ ସମଗ୍ର ଉପକୂଳ ଜିଲ୍ଲାରେ ଏହି ଚାଷ ବହୁଳ ଭାବେ ହୋଇଥାଏ ।

ବିଶେଷ ଭାବରେ ଦେଖିବାକୁ ଗଲେ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ସତ୍ୟବାଦୀ, ପିପିଲି, ନିମାପଡା ,କାକଟପୁର ବଳଙ୍ଗା ଆଦି ସ୍ଥାନର ନଡ଼ିଆ ଭୁବନେଶ୍ୱର ସମେତ ଏହାର ଆଖପାଖ ତଥା ବାହାର ଅଞ୍ଚଳର ଚାହିଦା ମେଣ୍ଟାଇ ଥାଏ ।

ସାକ୍ଷୀଗୋପାଳ କହିଲେ ନଡ଼ିଆ ପଇଡ଼ର ପେଣ୍ଠ । ଏଠାରେ ନଡ଼ିଆ ଚାଷୀଙ୍କୁ ସହାୟତା ପାଇଁ ରହିଛି ନାରିକେଳ ଉନ୍ନୟନ ବୋର୍ଡ଼ । କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଅହରହ କୃଷକମାନଙ୍କ ପାଇଁ କାର୍ଯ୍ୟ କରିଥାଏ । ଏସବୁ ସତ୍ତ୍ୱେ କାହିଁକି ପୂର୍ବଭଳି ଏହାର ଚାଷ ଲାଗି ଆଗ୍ରହ ପ୍ରକାଶ କରୁ ନାହାନ୍ତି ଚାଷୀ ଏଥି ନେଇ ଗବେଷକ,ଜିଲ୍ଲା ପ୍ରଶାସନ ଅନୁଧ୍ୟାନ କରିବା ଆବଶ୍ୟକ ।

ଦେଖିବାକୁ ଗଲେ ରାଜ୍ୟ ଏବେ ବାହାର ରାଜ୍ୟ ନଡ଼ିଆ,ପଇଡ଼ ଉପରେ ନିର୍ଭର କରୁଥିବା ଦେଖାଯାଉଛି ।ଆନ୍ଧ୍ର କେରଳ, ତାମିଲନାଡୁ, ଛତିଶଗଡ଼ ,ପଶ୍ଚିମବଙ୍ଗର ଉତ୍ପାଦ ଚାହିଦା ମେଣ୍ଟାଉଥିବା ଚର୍ଚ୍ଚା ହେଉଛି । ସ୍ଥାନୀୟ ଅଞ୍ଚଳରେ ଅମଳ ହେଉଥିବା ନଡ଼ିଆ ପଇଡ଼ରେ ଏରିଓଫାଇଟମାଇଟ ପୋକ ଲାଗି ଏହାର ଆକାର ଛୋଟ ତଥା ବିକୃତ ହେଉଥିବାରୁ ଗୁଣାତ୍ମକ ଦୃଷ୍ଟିରୁ ଏହାର ଚାହିଦା କମୁଛି । ଚାଷୀ ଏହି ଚାଷ ପ୍ରତି ବିମୁଖ ହେଉଥିବା ଅଭିଯୋଗ କରୁଛନ୍ତି ।

ଦିନଥିଲା ନଡ଼ିଆ,ପଇଡ଼ ଶହକୁ ୨୦୦ ରୁ ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଖୁଚୁରା ହାଟ ବଜାରରେ ଏହା ଅତି ବେଶିରେ ୫ ଟଙ୍କାରେ ବିକ୍ରି ହେଉଥିଲା ,ତା ପୁଣି ଗୁଣାତ୍ମକ ପର୍ଯ୍ୟାପ୍ତ ପରିମାଣରେ ମିଳୁଥିଲା । ଏବେ କିନ୍ତୁ ବଦଳିଯାଇଛି ଏହାର ବଜାର । ନଡ଼ିଆ ଗୋଟିକୁ ୩୦ରୁ ୪୦ ଟଙ୍କା ପହଞ୍ଚୁଥିବା ବେଳେ ଗ୍ରାମାଞ୍ଚଳରେ ଏହା ପ୍ରାୟତଃ ମିଳୁନି । ସାଧାରଣତଃ ସ୍ଥାନୀୟ ଅଞ୍ଚଳର ଉତ୍ପାଦକୁ ଦେଶୀ କୁହାଯାଇଥାଏ କିନ୍ତୁ ଏବେ ଆଉ ତାହା ପ୍ରାୟତଃ ମିଳୁନି । ସରକାରୀ ସ୍ତରରେ ବ୍ୟାପକ ଭାବେ ନୂତନ ଜ୍ଞାନ କୌଶଳ ସହିତ ଉନ୍ନତ ଚାରା ଏବଂ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଲେ ଚାଷୀ ଆଗ୍ରହୀ ହୁଅନ୍ତା । ଏ ଦିଗରେ ଗୁରୁତ୍ୱ ଦେଇ ପ୍ରଶାସନ କାର୍ଯ୍ୟପନ୍ଥା ଆପଣାଉ, ଏହା ଆମେ ଲୋକପ୍ରିୟ ମୋହନ ସରକାରଙ୍କ ଠାରୁ ନିଶ୍ଚୟ ଆଶା ରଖିବା ।

ବାଲିପାଟଣା

# “ ମୋଦିଙ୍କ ଦାକ୍ଷିଣାତ୍ୟ ଅଭିଯାନ

### ସୌମେନ୍ଦ୍ର ଜେନା

ଉତ୍ତର ଭାରତ ପରେ ଏବେ ମୋଦି ଦକ୍ଷିଣ ଭାରତରେ ନିଜ କାର୍ଯ୍ୟକ୍ରମକୁ ବୃଦ୍ଧି କରିବାକୁ ପ୍ରୟାସ କରିଚାଲିଛନ୍ତି । ପାର୍ଲିଆମେଣ୍ଟ ଭବନ ନିର୍ମାଣଠାରୁ ଆରମ୍ଭ କରି କାଶୀ ଓ ଅଯୋଧ୍ୟା ସହ ତାମିଲବାସୀଙ୍କୁ ଯୋଡ଼ିବା ପାଇଁ ଉଦ୍ୟମ କରିଛନ୍ତି । ଏସବୁର ପ୍ରଭାବ ମଧ୍ୟ ଦକ୍ଷିଣରେ ନ ପଡୁଛି ତା ନୁହେଁ । ତେଣୁ ଭାଷାକୁ କେନ୍ଦ୍ରକରି ହେଉଥିବା ବିରୋଧ ଯେ କେବଳ ରାଜନୈତିକ ବିଷୟ ତାହା ସମସ୍ତେ ବୁଝିପାରୁଛନ୍ତି । ତାମିଲବାସୀଙ୍କୁ ଦୀର୍ଘ ପଚାଶ ବର୍ଷରୁ ଅଧିକ କାଳ ଧରି ହିନ୍ଦୀ ବିରୋଧୀ ଓ ଉତ୍ତର-ଭାରତର ବିରୋଧୀ କରି ଛିଡା କରିବା ପାଇଁ ଯେଉଁ ପ୍ରୟାସ ଆଞ୍ଚଳିକ ଦଳଗୁଡିକ କରି ଆସିଛନ୍ତି ତାକୁ ସାମ୍ନା କରିବାକୁ ମୋଦି ସନାତନ ଧର୍ମକୁ ଅସ୍ତ୍ର କରିଛନ୍ତି । ମଠ-ମନ୍ଦିର, ପର୍ବପର୍ବାଣି, ହସ୍ତଶିଳ୍ପ, ପ୍ରାଚୀନ ଗ୍ରନ୍ଥ, ମହାତ୍ମାମାନଙ୍କୁ ଆଧାର କରି ଚାଲିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯାନ ତାମିଲନାଡୁର ବିଷାକ୍ତ ପ୍ରଚାରକୁ ପ୍ରତିହତ କରିପାରିବ ବୋଲି ସେ ଆଶା ରଖିଛନ୍ତି ।

ଦିଲ୍ଲୀ ପ୍ରଦେଶର ନିର୍ବାଚନ ସରିଯିବା ପରେ ଏବେ ମୋଦିଙ୍କ ଲକ୍ଷ୍ୟ ଦାକ୍ଷିଣାତ୍ୟ ଦିଗରେ ରହିଛି । ଦକ୍ଷିଣ ଭାରତର କେରଳ, ତାମିଲନାଡୁ ଓ କର୍ଣ୍ଣାଟକ ପ୍ରଦେଶ ମଧ୍ୟରୁ କର୍ଣ୍ଣାଟକ ଓ କେରଳରେ ବିଜେପିର ଉପସ୍ଥିତି ସଂସଦରେ ରହିଥିବା ସ୍ତ୍ରେଳେ କେବଳ ଗୋଟିଏ ପ୍ରଦେଶ ତାମିଲନାଡୁ ବିଜେପି ପାଇଁ କଷ୍ଟକର ସ୍ଥିତିରେ ନାହିଁ , ପ୍ରଚଣ୍ଡ ବିରୋଧୀ ସ୍ଥିତିରେ ରହିଛି । ବର୍ତ୍ତମାନର ଶାସକଦଳ ଡିଏମ୍‌କେ ରାଜ୍ୟରେ ବିଜେପିର ପ୍ରଭାବ ଆଗାମୀ ଦିନରେ ବଢିବାର ସମ୍ଭାବନା ଲକ୍ଷ୍ୟ କରି ଏବେଠୁ ହିନ୍ଦୀ ବନାମ ତାମିଲ, ଉତ୍ତର ବନାମ ଦକ୍ଷିଣ, ଆର୍ଯ୍ୟ ବନାମ ଦ୍ରାବିଡ ସଂଘର୍ଷକୁ ଓସ୍କାଇଛି । ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏବଂ ତାଙ୍କ ପୁତ୍ର ଉଦୟନିଧି ଉଭୟେ ହିନ୍ଦୁଧର୍ମ, ସନାତନ ବିଚାର, ଭାରତୀୟ ସଂସ୍କୃତିକୁ ଆଘାତ କଲାପରି ବିଷୟକୁ ବିରୋଧ କରି ଆସୁଛନ୍ତି । ଏହା ଯେ ଆକସ୍ମିକ ତା ନୁହେଁ । ଟଙ୍କାରୁ ହିନ୍ଦୀ ଲିପିକୁ ହଟାଇବା ଦାବି, ନୂତନ ଶିକ୍ଷାନୀତିକୁ ବିରୋଧ, ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣକୁ କେନ୍ଦ୍ରକରି ବାରମ୍ବାର ବିବାଦୀୟ ବୟାନବାଜୀ ଦୃଷ୍ଟିକୁ ଆସିବା ରାଜ୍ୟ ଶାସକଦଳର ହତାଶାର ପରିଣାମ । ଆସନ୍ତା ବର୍ଷ ୨୦୨୬ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଥିବା ହେତୁ ଡିଏମ୍‌କେ ଦଳ ପାଇଁ ଚିନ୍ତା ବଢିଛି ।

ତାମିଲନାଡୁର ରାଜନୀତି ୧୯୬୭ପରଠାରୁ ଆଞ୍ଚଳିକ ଦଳର ହାତରେ ରହିଆସିଛି । କେବେ ଡିଏମ୍‌କେ, କେବେ ଅନ୍ନାଡିଏମକେ ମଧ୍ୟରେ କ୍ଷମତାର ଅଦଳ ବଦଳ ହୋଇଆସିଛି । ଏଆଇଡିଏମ୍‌କେ ନେତ୍ରୀ ଜୟଲଳିତାଙ୍କ ମୃତ୍ୟୁ ପରେ ଦଳୀୟ କନ୍ଦଳ ଯୋଗୁ ଏଆଇଡିଏମ୍‌କେ ଦଳ ବିଭାଜିତ ହୋଇଛି । ଗତ ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇଡିଏମକେ ନେତୃବୃନ୍ଦଙ୍କ ମଧ୍ୟରେ ଏକତା ଆଣି ମିଳିମିଶି ଲଢିବା ପାଇଁ ମୋଦି ଯେଉଁ ପ୍ରୟାସ କରିଥିଲେ ତାହା ବିଭାଜିତ ଦୁଇଦଳର ନେତାମାନଙ୍କ ଅହଂକାର ପାଇଁ ସଫଳ ହୋଇନଥିଲା ।

ତାମିଲନାଡୁର ରାଜନୀତିକୁ ଦେଖିଲେ ୧୯୫୭ରେ ଚେନ୍ନାଇ ମ୍ୟୁନିସପାଲ ନିର୍ବାଚନରେ ଡିଏମ୍‌କେ ପ୍ରଥମଥର ପାଇଁ ବିଜୟ ଲାଭକରି ୧୯୬୭ରେ ବିଧାନସଭାରେ ବିଜୟୀ ହୋଇଥିଲା । ଚେନ୍ନାଇର ଶିକ୍ଷିତବର୍ଗଙ୍କ ସଂପର୍କର ପ୍ରଭାବ ରାଜ୍ୟର ଅନ୍ୟାନ୍ୟ ଆସନ ଉପରେ ପଡିଥାଏ । ଯେଉଁ ଦଳ ଚେନ୍ନାଇ ସହରକୁ ଦଖଲ କରେ ପରବର୍ତ୍ତୀ କାଳରେ ବିଧାନସଭା ନିର୍ବାଚନରେ ମଧ୍ୟ ବିଜୟୀ ହୋଇଥାଏ । ସେ ଦୃଷ୍ଟିରୁ ଦେଖିଲେ ବିଜେପି ଚେନ୍ନାଇ ସହର ଭିତରେ ନିଜ ସ୍ଥିତିକୁ ମଜଭୁତ କରୁଥିବାରୁ ଷ୍ଟାଲିନ ଓ ଉଦୟନିଧିଙ୍କ ଚିନ୍ତା ବୃଦ୍ଧି ପାଇଛି । ତାମିଲନାଡୁ ମନ୍ତ୍ରୀ ମୁରୁଗାନ ହିନ୍ଦୀକୁ ଗାଳିଦେବାକୁ ଭୁଲିନାହାନ୍ତି । ସେମିତି ଅଭିନେତା ବିଜୟ ମଧ୍ୟ ନିଜେ ସିବିଏସ୍‌ଇ ସ୍କୁଲ ଚଳାଉଥିଲା ବେଳେ ନିଜ ପିଲାମାନଙ୍କୁ ତ୍ରିଭାଷୀ ବ୍ୟବସ୍ଥା ଥିବା ସିବିଏସ୍‌ଇ ସ୍କୁଲରେ ପଢାଉଥିଲା ସମୟରେ ହିନ୍ଦୀକୁ ବିରୋଧ କରୁଛନ୍ତି ନିଜେ ରାଜନୈତିକ ଅସ୍ତିତ୍ୱ ପାଇଁ ।

ସ୍ୱାଧୀନତା ପରେ କୃଷ୍ଣମେନନ ଦକ୍ଷିଣ ରାଜ୍ୟ (କେରଳ +ତାମିଲନାଡୁ) ଗଠନ ପାଇଁ ଯୁକ୍ତ ବାଢିଥିଲେ । ସେ ମାଡ୍ରାସ ପ୍ରେସିଡେନ୍‌ସୀର ବିଭାଜନ କରିବାକୁ ଚାହୁଁନଥିଲେ । କିନ୍ତୁ ପ୍ରତିରକ୍ଷା ମନ୍ତ୍ରୀ ଥିଲା ବେଳେ କୃଷ୍ଣମେନନ୍ ଚୀନ ବିପକ୍ଷ ଯୁଦ୍ଧରେ ଯେପରି ମୌନରହି ସଙ୍କଟ ବୃଦ୍ଧିର କାରଣ ହୋଇଥିଲେ, ସେମିତି ତାମିଲନାଡୁର ସଂକୀର୍ଣ୍ଣ ରାଜନୀତି ଦେଖି ଅଧିକ କିଛି କରିପାରି ନଥିଲେ । ଅଥଚ ମାଡ୍ରାସ ପ୍ରେସିଡେନ୍‌ସୀରେ ଥିବା କେରଳରେ ହିନ୍ଦୀର ବିରୋଧ ନଥିଲା । ଏବେ ବି କେରଳର ପ୍ରାଥମିକ ବିଦ୍ୟାଳୟରେଏବଂ ତିରୁଅନନ୍ତପୁରମ୍ ଠାରେ ହିନ୍ଦୀ ସପକ୍ଷରେ ପ୍ରସ୍ତାବ ଗୃହୀତ ହୋଇଥିଲା । ହିନ୍ଦୀକୁ ରାଷ୍ଟ୍ରଭାଷା କରାଯିବା ସପକ୍ଷରେ କେରଳ ରହିଥିଲା । ଏପରିକି ଏକଦା ଇଣ୍ଡିଆନ ମୁସଲିମ ଲିଗର ଲୋକେ ହିନ୍ଦୀ ସପକ୍ଷରେ ପ୍ରସ୍ତାବ ଆଣିଥିଲେ । ୧୯୬୬ରେ କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ଅଧକ୍ଷ ଜଣେ କେରଳୀ ବ୍ୟକ୍ତି ହୋଇଥିଲେ । କେରଳରେ ହିନ୍ଦୀର ବ୍ୟାପକ ପ୍ରଚାର ଦୃଷ୍ଟିରୁ ସେଠାକାର ଲୋକେ ବାହାରେ ଚାକିରୀ ପାଇବା ଏବଂ କଥାବାର୍ତ୍ତା ପାଇଁ ହିନ୍ଦୀକୁ ବ୍ୟବହାର କରିବା ସହଜ ହେବାଯୋଗୁ ଏବେ ଆରବ ଜଗତରେ ସଂଖ୍ୟାଧିକ କେରଳୀ ଶ୍ରମିକ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି । କେରଳରେ ଆଦୌ ହିନ୍ଦୀ ଭାଷାକୁ ବିରୋଧ କରି ଆନ୍ଦୋଳନ ହୋଇନଥିଲା ଅଥଚ କେରଳ ସହ ମାଡ୍ରାସ ପ୍ରେସିଡେନ୍‌ସୀ ମଧ୍ୟରେ ରହିଥିବା ତାମିଲନାଡୁରେ ଇଭି ରାମସ୍ୱାମୀ ଉଭୟ ସଂସ୍କୃତ ଏବଂ ହିନ୍ଦୀକୁ ବିରୋଧ କରୁଥିଲେ । ୧୯୬୫ ସୁଦ୍ଧା ହିନ୍ଦୀକୁ କାର୍ଯ୍ୟକାରୀ ଭାଷାରେ ପରିଣତ କରିବାଲାଗି ଉଦ୍ୟମ ହେବା ସମୟରେ ଡିଏମ୍‌କେ ଦଳ ପକ୍ଷରୁ ହିନ୍ଦୀର ପ୍ରଚଳନ ସାଂସ୍କୃତିକ ସାମ୍ରାଜ୍ୟବାଦ ବୋଲି କହି ସମାଲୋଚନା କରାଗଲା । ତାମିଲନାଡୁରେ ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାର ଶିକ୍ଷା ପାଇଁ ବିରୋଧ ନ ଥିବା ବେଳେ ହିନ୍ଦୀକୁ ପ୍ରାଦେଶିକତା ବିଚାରର ପ୍ରସାର ଦୃଷ୍ଟିରୁ କରାଗଲା । ଶ୍ରୀଲଙ୍କାରେ ତାମିଲ ସମସ୍ୟାବେଳେ ଏ ପ୍ରକାର ବିଚାର ଅତି ଚରମସୀମାରେ ପହଞ୍ଚିଥିଲା । ତାମିଲନାଡୁରେ ସନ୍ତ୍ରାସବାଦ ମୁଣ୍ଡ ଟେକିବା ସହ ତାମିଲ ରାଷ୍ଟ୍ରବାଦ କଥା କୁହାଗଲା । ଏପରିକି ଶ୍ରୀଲଙ୍କା ଏବଂ ତାମିଲନାଡୁକୁ ମିଶାଇ ବୃହତ ତାମିଲରାଷ୍ଟ୍ର ନିର୍ମାଣ ପାଇଁ ସ୍ଲୋଗାନ ମଧ୍ୟ ଶୁଣାଗଲା ।

ଏକଥା ସତ ଯେ ତାମିଲନାଡୁର ଦୁଇ ପ୍ରମୁଖ ଦଳ ଡିଏମ୍‌କେ ଏବଂ ଅନ୍ନାଡିଏମ୍‌କେ କେନ୍ଦ୍ର ସରକାରଙ୍କୁ କୌଶଳଭିତ୍ତିକ ସମର୍ଥନ ପ୍ରଦାନ କରିଥିଲେ । କେବେ କଂଗ୍ରେସ, କେବେ ଜନତା ଦଳ ଆଉ କେବେ ବିଜେପି ସହ ମନ୍ତ୍ରିମଣ୍ଡଳରେ ରହି ରାଜ୍ୟ ପାଇଁ ଅଧିକ ସୁବିଧା ମଧ୍ୟ ନେଇଥିଲେ । କିନ୍ତୁ ନିଜ ସ୍ଥିତି ପାଇଁ ରାଜ୍ୟରେ ହିନ୍ଦୀକୁ ବିରୋଧ କରିଥିଲେ । ଏହା ପଛରେ ଦକ୍ଷିଣର ମିସନାରୀଗୋଷ୍ଠୀଙ୍କ ପ୍ରୋତ୍ସାହନ ରହିଥିଲା । ଧର୍ମାନ୍ତରଣ ପାଇଁ ମିଶନାରୀ ଗୋଷ୍ଠୀ ମୂଳରୁ ବ୍ରିଟେନର ଯୋଜନାକୁ କାର୍ଯ୍ୟକାରୀ କରିଆସିଛନ୍ତି । କେଉଁଠି ଭାଷାକୁ, କେଉଁଠି ଜାତିକୁ, କେଉଁଠି ପରମ୍ପରାକୁ, କେଉଁଠି ଅଞ୍ଚଳକୁ ଅସ୍ତ୍ର କରି ସେମାନେ

# ନବନିର୍ମିତ କୋଠାକୁ ପ୍ରାଣୀଧନ ଚିକିତ୍ସାଳୟ ସ୍ଥାନାନ୍ତରଣ କେବେ ?

ଦେବଗଡ,୩।୪ (ନିପ୍ର):ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ସଦର ମହକୁମାରେ ଥିବା ପ୍ରାଣୀ ଚିକିତ୍ସାଳୟ ପାଇଁ ଲକ୍ଷାଧିକ ଟଙ୍କା ମୂଲ୍ୟର ଏକ ଛାତ ଘର ନିର୍ମାଣ କାର୍ଯ୍ୟ ମାସାଧିକ ପୂର୍ବରୁ ଶେଷ ହୋଇ ଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକ୍ଷମ କରାଯାଇ ନାହିଁ । ବର୍ତ୍ତମାନ ସୁଦ୍ଧା ସେଇ ପୁରୁଣା ଘରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି । ଯଦି ନିର୍ମାଣ କାର୍ଯ୍ୟ ଶେଷ ହୋଇ ସମ୍ପୃକ୍ତ ବିଭାଗକୁ ଉକ୍ତ କୋଠାଘରକୁ ହସ୍ତାନ୍ତର କରାଯାଇ ସାରିଛି ତା ହେଲେ ପୁରୁଣା କୋଠାରୁ ନୂତନ ଘରକୁ ଚିକିତ୍ସାଳୟକୁ ସ୍ଥାନାନ୍ତରଣ କରାଯାଉ ନାହିଁ କାହିଁକି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଥିରେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ନା ସ୍ଥାନୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ତାହା ସଠିକ ଭାବେ ଜଣାପଡୁ ନାହିଁ । ପୂର୍ବରୁ ଠିକ୍ ସମୟରେ ଚିକିତ୍ସାଳୟ ଖୋଲା ନ ଯିବା, ଡାକ୍ତର ଠିକ୍ ସମୟରେ ଚିକିତ୍ସାଳୟକୁ ଆସୁ ନଥିବାରୁ ପଶୁଙ୍କୁ ଆଣି ଆସିଥିବା ଲୋକେ ହଇରାଣ ହରକତ ହେଉଥିବା ବାବଦରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ସରକାରଙ୍କ ତରଫରୁ ଚିକିତ୍ସାଳୟ ପାଇଁ ଲକ୍ଷାଧିକ ଟଙ୍କା ବିନିଯୋଗରେ ଘର ତିଆରି ହୋଇ ସାରିଥିଲେ ହେଁ କେଉଁ କାରଣ ଯୋଗୁଁ ନୂତନ କୋଠା ଘରକୁ ସ୍ଥାନାନ୍ତରଣ କରାଯାଉ ନାହିଁ ତାହା ସନ୍ଦେହ ଘେରକୁ ଯାଉଛି । ଯଥାଶୀଘ୍ର ନୂତନ କୋଠା ଘରକୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରି ଠିକ୍ ସମୟରେ ଡ଼ାକ୍ତର ଚିକିତ୍ସାଳୟକୁ ଆସି ପଶୁ ଚିକିତ୍ସା କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି । ଯଦି କୌଣସି କାରଣ ପାଇଁ ସ୍ଥାନାନ୍ତରଣ ରେ ଅସୁବିଧା ସୃଷ୍ଟି ହେଉଛି ତା ହେଲେ ସେଇ କାରଣକୁ ସାର୍ବଜନୀନ କରିବା ପାଇଁ ମଧ୍ୟ ଦାବି ହେଉଛି । ଜନସାଧାରଣଙ୍କ ଆକ୍ରୋଶର ଶିକାର ହେବା ପୂର୍ବରୁ ଏହି ସମସ୍ୟାର ତ୍ୱରନ୍ତ ସମାଧାନ କରିବାକୁ ପ୍ରଶାସନକୁ ବୁଦ୍ଧିଜୀବୀ ମହଲ ଅନୁରୋଧ କରିଛନ୍ତି ।

## ବୀମା ସୁରକ୍ଷା ଦ୍ୱାରା ମୃତକ ପରିବାରଙ୍କୁ ସହାୟତା

ଭବାନୀପାଟଣା, ୩/୪ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଧଅଁରପୁର ପଞ୍ଚାୟତ ତେନ୍ତୁଳିପଡା ଗ୍ରାମର ଚନ୍ଦ୍ର ଚନ୍ଦନ ଓ ଫୁଲମତୀ ଚନ୍ଦନଙ୍କ ପୁଅ କାମନ୍ତ ଚନ୍ଦନ (୨୮)ଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି । ସେ ପେସାରେ ଜଣେ ରାଜମିସ୍ତ୍ରୀ । କାମ କରି ଘରକୁ ଫେରୁଥିବା ସମୟରେ ଗତ ବର୍ଷ ମଇ ୨୦୨୪ରେ ବଜ୍ରାଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ । କିନ୍ତୁ ଏହା ପୂର୍ବରୁ ସେ ଆମ ଜଙ୍ଗଲ ଯୋଜନା ଧର୍ମଗଡ ବନାଞ୍ଚଳର କର୍ମଚାରୀମାନଙ୍କ ସଚେତନତା ସଭା ଦ୍ୱାରା ଶ୍ରୀ ଚନ୍ଦନ ନିକଟସ୍ଥ ବେହେରା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ୨୦ ଟଙ୍କାର ପ୍ରଧାନମନ୍ତ୍ରୀ ଜୀବନ ବୀମା ସୁରକ୍ଷା କରାଇଥିଲେ । ଫଳରେ ସେ ବେହେରା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୨ ଲକ୍ଷ ଟଙ୍କାର ଚେକ୍ ବ୍ୟାଙ୍କ ମ୍ୟାନେଜର ଦେବାଶିଷ ଜେନା, ବ୍ୟାଙ୍କ ସହକାରୀ ପ୍ରକାଶ ଠାକୁର, ସରପଞ୍ଚ କୁମୁଦିନୀ ଗଇଁତାଙ୍କ ଠାରୁ ମୃତ ହିତାଧିକାରୀଙ୍କ ବାପା ଚନ୍ଦ୍ର ଚନ୍ଦନ ଗ୍ରହଣ କରିଥିଲେ ।

## ଅମରପ୍ରସାଦରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଚାରିଛକ,୩।୪ (ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅମରପ୍ରସାଦ ଗ୍ରାମରେ ଥିବା ସାଇବାବାଙ୍କ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ପାଇଁ ନିକଟସ୍ଥ ଅମରେଶ୍ୱର ମହାଦେବ ପୀଠ ପୁଷ୍କରିଣୀରୁ କଳସଧାରୀମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଏହି ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ମନୋରଞ୍ଜନ ପାଢ଼ୀ ଦମ୍ପତି ପୂଜା କର୍ମରେ ବସିଥିଲେ । ଅମର ପ୍ରସାଦ ଗ୍ରାମରେ ସପ୍ତମ ବାର୍ଷିକ ଅଷ୍ଟ ପ୍ରହରୀ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଦୁଲେଇ ସାହୁ ଓ କର୍ତ୍ତୀ ଭାବେ ପ୍ରେମଲତା ସାହୁ କୁଞ୍ଜରେ ବସିଥିଲେ । ସାଇବାବାଙ୍କ ବିଶ୍ୱଶାନ୍ତି ମହାଯଜ୍ଞରେ ମୁଖ୍ୟ ପଣ୍ଡିତ ଅକ୍ଷୟ ମିଶ୍ର ସହିତ ଆଲୋକ ମିଶ୍ର ଓ ସହଯୋଗୀ ମାନେ କଳସ ଯାତ୍ରା ପୂଜା ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଡାବୁଗାଁ ବ୍ଲକରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ଡାବୁଗାଁ ,୩।୪ (ନିପ୍ର): ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପାଇଁ ସଚେତନତା ରଥ ଗଡ଼ିଥିଲା । ଏହି ରଥକୁ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ ଡାବୁଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିତା ନେତମ । ଏହି ଅବସରରେ ଉପସ୍ଥିତ ଥିଲେ ଡାବୁଗାଁ ଅତିରିକ୍ତ ଶିକ୍ଷା ଅଧିକାରୀ ଭଗବାନ ମାଝୀ ଏବଂ ସନ୍ତୋଷ କୁମାର ସାହୁ, ତତ ସଂଗେସଂଗେ ଡାବୁଗାଁ ସିଆରସିସି ପ୍ରସନ୍ନ କୁମାର ଦଣ୍ଡସେନା ଏବଂ ଡାବୁଗାଁ ସିଆରସି ହେମନ୍ତ କୁମାର ପଣ୍ଡା ଓ ଆଇସିଡ଼ିଏସ ସୁପରଭାଇଜରମାନେ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ । ରଥ ପ୍ରଥମେ ସ୍ଥାନୀୟ ବ୍ଲକ କଲୋନି ବିଦ୍ୟାଳୟକୁ ଯାଇଥିଲା ଏବଂ ପରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିଥିଲା । ଡାବୁଗାଁ ଓ ଘୋଡ଼ାଖୁଣ୍ଟା କୁଷ୍ଟରର ପ୍ରଥମ ଓ ବାଲବାଟିକାରେ ନୂତନ ଭାବେ ବିଦ୍ୟାଳୟରେ ପ୍ରବେଶ କରିଥିବା ୬୦୦ ଶିକ୍ଷାର୍ଥୀଙ୍କୁ ଉକ୍ତ କୁଷ୍ଟର ସିଆରସିସିଙ୍କ ତରଫରୁ ପେନସିଲ ବଣ୍ଟନ କରାଗଲା । ଆରମ୍ଭ ହୋଇଥିବା ଏହି ପ୍ରବେଶ ଉତ୍ସବ ଆଗାମୀ ୫ତାରିଖ ପର୍ଯ୍ୟନ୍ତ ଚଳିବ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ହିନ୍ଦୁ ନବବର୍ଷ

ରମ୍ପା,୩।୪ (ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡା, ଆତ୍ମଦର୍ଶୀ କ୍ରିୟାଯୋଗୀ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ, ଆର. ଏସ. ଏସ. ଗଞ୍ଜାମ ଖଣ୍ଡ ସଙ୍ଘ ଚାଳକ ଅମୂଲ୍ୟ କୁମାର ସେନାପତି, ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ପୂର୍ବତନ ଉପଦେଷ୍ଟା ରାମଚନ୍ଦ୍ର ବାଡତ୍ୟା, ସଭାପତି ଏମ. ନରସିଂହ ସୁବୁଦ୍ଧି, କୋଷାଧକ୍ଷ ଡି ପଦ୍ମ ଲୋଚନ ଆଚାରି , ପ୍ରଧାନଚର୍ଯ୍ୟ, ଶ୍ରୀଧର ପ୍ରଧାନ ଉପସ୍ଥିତ ରହି ହିନ୍ଦୁ ନବବର୍ଷର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରାତଃ ସଙ୍କୀର୍ତ୍ତନ ସହ ନଗର ପରିକ୍ରମା ହୋଇଥିଲା । ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା, ମାଉସୀ, ମଉସା କାର୍ଯ୍ୟକ୍ରମରେ ସହଯୋଗ କରିଥଲେ ।

## ମହିଳା ସୁରକ୍ଷା ନେଇ କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ଆସିକା,୩।୪(ନିପ୍ର): ଗଞ୍ଜାମ ଜିଲ୍ଲା (ପଶ୍ଚିମ )ପକ୍ଷରୁ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ଏବଂ ନାରୀ ନିର୍ଯାତନା ବନ୍ଦ କରିବା ନେଇ ଆସିକା ଲୋକସଭା କ୍ଷେତ୍ରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଗଞ୍ଜାମ ଜିଲ୍ଲା (ପଶ୍ଚିମ)ସଭାପତି ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ଶର୍ମାଙ୍କ ସଂଯୋଜନାରେ କଂଗ୍ରେସର ଆସିକା ସାଂସଦ ପ୍ରାର୍ଥୀ ଆଇନଜୀବୀ ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ ଶତାଧିକ ଯୁବ ଏବଂ ଛାତ୍ର କଂଗ୍ରେସର ଆଗ୍ରହୀ ଯୁବକ ଏହି କ୍ୟାଣ୍ଡଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । କଂଗ୍ରେସ କର୍ମୀ ମାନେ ଆସିକା ସହର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମରେ ପ୍ରିୟାଂଶୁ ପରିଡା, ଅନେକ କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଥିଲେ । ରାଜ୍ୟ ସରକାର ଏହି ମହିଳା ଓ ଯୁବତୀମାନଙ୍କୁ ସୁରକ୍ଷା ନ ଦେଲେ ଆଗାମୀ ଦିନରେ କଂଗ୍ରେସ ରୂପରେଖ ବଦଳାଇବ ବୋଲି ସତର୍କବାଣୀ ଶୁଣାଇ ଦେଇଛି ।

# 'ମହିଳାମାନେ ଶାସନ , ପ୍ରଯୁକ୍ତିବିଦ୍ୟା , ଶିକ୍ଷା ଏବଂ ଉଦ୍ୟୋଗିତାରେ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିବେ'

ପାରଳାଖେମୁଣ୍ଡି,୩।୪ (ନିପ୍ର); ମହିଳା ଛାତ୍ର ସଂସଦର ତୃତୀୟ ସଂସ୍କରଣ ଓଡିଶାର ରାଜ୍ୟପାଳ ଡ଼.ହରିବାବୁ କମ୍ଭମପତିଙ୍କ ଦ୍ୱାରା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମଟି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଓ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ କରାଯାଉଛି । ଏଥିରେ ଦେଶର ବିଭିନ୍ନ କୋଣ ଅନୁକୋଣରୁ ୩୦ ରୁ ଅଧିକ ବିଶ୍ୱବିଦ୍ୟାଳୟରୁ ୨୦୦ରୁ ଅଧିକ ମହିଳା ଛାତ୍ରୀ ନେତା ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମର ସଂଯୋଜକ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ଉଦବୋଧନ ବକ୍ତବ୍ୟ ସହ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି , ଡ଼ଃ ସୁପ୍ରିୟା ପଟ୍ଟନାୟକ ସମ୍ପ୍ରତି ଯୁଗରେ ମହିଳା ସଶକ୍ତିକରଣ ଏବଂ ନାରୀ-ନେତୃତ୍ୱର ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ । ଡ଼.ହରିବାବୁ କମ୍ଭମପତି ନିଜ ଉଦ୍‌ବୋଧନରେ କହିଲେ , ଯେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ତୃତୀୟ ଜାତୀୟ ମହିଳା ଛାତ୍ର ସଂସଦ ୨୦୨୪-୨୫ କୁ ଉଦଘାଟନ କରି ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି ଉଲ୍ଲେଖନୀୟ ପଦକ୍ଷେପକୁ ସଂକଳ୍ପ ନେବା ପାଇଁ ମୁଁ

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘକୁ ଅଭିନନ୍ଦନ ଜଣାଉଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଏପରି ପ୍ରତିବଦ୍ଧତା ଏବଂ ଉତ୍ସାହ ସହିତ ଆୟୋଜନ କରିବା ପାଇଁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଛନ୍ତି । ଏହା ଦେଖି ଉତ୍ସାହିତ ଯେ, ମାତ୍ର ତିନୋଟି ସଂସ୍କରଣରେ , ଜାତୀୟ ମହିଳା ଛାତ୍ର ସଂସଦ ଏକ ପ୍ରଭାବଶାଳୀ ଏବଂ ପରିବର୍ତ୍ତନକାରୀ ମଞ୍ଚ ଭାବରେ ପ୍ରମାଣିତ ହୋଇଛି , ଯାହା ଯୁବତୀମାନଙ୍କୁ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିବାକୁ , ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିତର୍କ କରିବାକୁ ଏବଂ ନେତୃତ୍ୱ ଦକ୍ଷତା ବିକାଶ କରିବାକୁ ଉତ୍ସାହିତ କରିଛି , ଯାହା ସାରା ଦେଶର ଯୁବତୀମାନଙ୍କୁ ଆସନ୍ତାକାଲିର ପରିବର୍ତ୍ତନକାରୀ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତରେ , ମହିଳାମାନେ ନୀତି , ଶାସନ , ପ୍ରଯୁକ୍ତିବିଦ୍ୟା , ଶିକ୍ଷା ଏବଂ ଉଦ୍ୟୋଗିତାରେ ଏକ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିବେ । ଏହି ସଂସଦରେ ଅଂଶଗ୍ରହଣକାରୀ ଭାବରେ , ଆପଣ କେବଳ ନିଜକୁ ପ୍ରତିନିଧିତ୍ୱ କରୁନାହାନ୍ତି , ଆପଣମାନେ ଦେଶର ଲକ୍ଷ ଲକ୍ଷ ଯୁବତୀଙ୍କ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଛନ୍ତି ବୋଲି କହିଛନ୍ତି । ଆଜିର ଭାରତରେ ମହିଳାମାନେ କର୍ପୋରେଟ ନେତୃତ୍ୱ ନେଉଛନ୍ତି । ଉଚ୍ଚ ପ୍ରଶାସନରେ ରହି ନିଷ୍ପତ୍ତି ନେଉଛନ୍ତି । ନୂତନ ଅଭିନବତା ଆଣୁଛନ୍ତି , ନ୍ୟାୟାଳୟରେ ନିୟମ ଉପରେ ଅନୁସନ୍ଧାନ କରୁଛନ୍ତି ଏବଂ ସାମାଜିକ ପରିବର୍ତ୍ତନ ଆଣୁଛନ୍ତି । ବ୍ୟବସାୟ , କ୍ରୀଡ଼ା , ଆଇନ, ନୀତି ନିର୍ମାଣ ଏବଂ କଳା ସଂସ୍କୃତି କ୍ଷେତ୍ରରେ ମହିଳାମାନଙ୍କ ଉନ୍ନତି ଦେଖିଲେ ଏହି ପରିବର୍ତ୍ତନର ପ୍ରମାଣ ମିଳେ । ଏହି ପ୍ରୟାସକୁ ସ୍ୱାଗତ ଜଣାଇ ନୂତନ ନୀତି ଗଠନ ଏବଂ ରାଷ୍ଟ୍ର ଗଠନ ଉପରେ ଛାତ୍ରମାନଙ୍କ ଅଂଶଗ୍ରହଣ ଜରୁରୀ ବୋଲି ଉତ୍ସାହିତ କଲେ । ଏହି ବିଷୟବସ୍ତୁକୁ ଆଧାର କରି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅତିରିକ୍ତ ସଚିବ ଡ଼ଃ ମମତା ରାଣୀ ଅଗ୍ରୱାଲ ଭବିଷ୍ୟର ମହିଳା ନେତୃତ୍ୱ ସୃଷ୍ଟି କରିବାରେ ଏହି ପ୍ଲାଟଫର୍ମର ଭୂମିକା ଉପରେ ବିଶ୍ଳେଷଣମୂଳକ ଉଦବୋଧନ ଦେଇଥିଲେ । ଆନ୍ଧ୍ର ପ୍ରଦେଶସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କୁଳାଧିପତି ଡ଼ଃ ଜି.ଏସ.ଏନ୍. ରାଜୁ ଲିଙ୍ଗଗତ ସମାନତା ବିଷୟକୁ ଗୁରୁତ୍ୱାରୋପ କରି ସମାଜରେ ଶିକ୍ଷା ଏବଂ ନେତୃତ୍ୱର ବିକାଶ ଉପରେ ନିଜ ଆଭିମୁଖ୍ୟ ଉପସ୍ଥାପନା କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ ଗୀତାଞ୍ଜଳି ଦାଶ ଏବଂ ବିଜୁ ପଟ୍ଟନାୟକ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ ଅମୀୟ କୁମାର ରଥ ନୀତି ନିର୍ମାଣ ଏବଂ ଶାସନରେ ମହିଳାମାନଙ୍କ ଅଂଶଗ୍ରହଣର ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମଟି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ମୁଖ୍ୟ ଡ଼ଃ ମୁକ୍ତିକାନ୍ତ ମିଶ୍ର , ଉପମୁଖ୍ୟ , ପ୍ରାଧ୍ୟାପକ ଡି.ଏନ୍. ରାଓଙ୍କ ଉପସ୍ଥିତି ଦ୍ୱାରା ପରିଶୋଭିତ ହୋଇଥିଲା । ସମସ୍ତ ସମ୍ମାନିତ ଅତିଥି ଏବଂ ଜୁରି ସଦସ୍ୟମାନଙ୍କର ଅବଦାନ ନିମନ୍ତେ ସମ୍ବର୍ଦ୍ଧନା କରାଯାଇଥିଲା । ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ ।

କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ୟକ୍ତିବିଶେଷ, ଅଂଶଗ୍ରହଣକାରୀ ଏବଂ ଆୟୋଜକଙ୍କ ପ୍ରୟାସ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ , ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା , ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ , ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଶଙ୍କର କେରକେଟା , ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା , ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା , ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ସମେତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଖଲ୍ଲିକୋଟ : ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ରମ୍ପା,୩।୪ (ନିପ୍ର): ସଚେତନତା ରଥ ମାଧ୍ୟମରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଭିନବ ପ୍ରୟାସ ଖଲ୍ଲିକୋଟ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ୍ ସ୍ତରୀୟ ପ୍ରବେଶ ଉତ୍ସବ ତଥା ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ଆଭାସ କ୍ଲଷ୍ଟର ଅଧୀନସ୍ଥ ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ । ଏହି ଅବସରରେ ଆୟୋଜିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ସ୍ଥାନୀୟ ତହସିଲଦାର ଡି. ମାଲେସୁ ପାତ୍ର ମୁଖ୍ୟ ଅତିଥି , ବିଜ୍ଞାପିତ ଅଞ୍ଚଳ ପରିଷଦର ୦୧ ନମ୍ବର ୱାର୍ଡ ସଭ୍ୟ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା, ବି.ଆର ସି.ସି. ସୁଶ୍ରୀ ସୁଷମା ଶବର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତାରାଣୀ ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦେଇ ସମ୍ପ୍ରତି ସରକାରୀ

ବିଦ୍ୟାଳୟ ପ୍ରତି ଶିକ୍ଷାର୍ଥୀଙ୍କ ଆଗ୍ରହ ବୃଦ୍ଧି, ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଭଳି ଗୁରୁତ୍ୱପୂର୍ଣ୍ଣ ଦିବସ ପାଳନର ପ୍ରୟୋଜନତା, ଅଭିଭାବକ ଅଭିଭାବିକା ବିଦ୍ୟାଳୟର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଚିତ ଶିକ୍ଷାଦାନ, ମାର୍ଗଦର୍ଶନ ଦ୍ୱାରା ହିଁ ପ୍ରାଥମିକ ଶିକ୍ଷାର ମହତ୍ତ୍ୱ ଉଜ୍ଜାବିତ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୁନି ଶିକ୍ଷାର୍ଥୀମାନଙ୍କୁ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକ ଆନୁଷ୍ଠାନିକ ରୀତିରେ ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରିଥିଲେ । ନୂତନ ଶିକ୍ଷାର୍ଥୀଙ୍କ ପିତାମାତାମାନେ ମଧ୍ୟ ଉତ୍ସବରେ ଉପସ୍ଥିତ ଥିଲେ । ଏତଦବ୍ୟତୀତ ପ୍ରାଥମିକ ଶିକ୍ଷାର ମାନ ମର୍ଯ୍ୟାଦା ବୃଦ୍ଧି ସକାଶେ ଏକ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ନଡ଼ିଆ ବାଡ଼େଇ ଉଦ୍‌ଘାଟନ କରିଥିଲେ ସ୍ଥାନୀୟ ତହସିଲଦାର ଡି. ମାଲେସୁ ପାତ୍ର ।

# ପତ୍ରିକା 'ଚନ୍ଦ୍ରିକା'ର ଲୋକାର୍ପଣ ଉତ୍ସବ

ହିଞ୍ଜିଳିକାଟୁ,୩।୪ (ନିପ୍ର): ଉତ୍କଳ ଦିବସର ଅବସରରେ ପିତଳ ଛକ ସ୍ଥିତ ଚନ୍ଦ୍ରିକା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ କଳା, ସାହିତ୍ୟ, ଶିକ୍ଷା ଓ ସଂସ୍କୃତି ଭିତ୍ତିକ ପତ୍ରିକା'ଚନ୍ଦ୍ରିକା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ସ୍ୱଂୟ ଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍

# ମୋଦି, ମୋଦି ନାରାରେ କମ୍ପିଲା ଥାଇଲାଣ୍ଡ

## ପ୍ରଧାନମନ୍ତ୍ରୀଙ୍କୁ ଦେଖି କାନ୍ଦି ପକାଇଲେ ମହିଳା

ବ୍ୟାଙ୍କକ,୩।୪: ମୋଦିଙ୍କୁ ଦେଖି କାନ୍ଦିଲେ ମହିଳା । ସାମ୍ନାରେ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ପାଇ ସେ ଏତେ ଖୁସି ହୋଇଯାଇଥିଲେ ଯେ ନିଜ ଖୁସି ବୟାନ କରି ନପାରି କାନ୍ଦି ପକାଇଥିଲେ । ଆଉ ମୋଦିଙ୍କ ହାତକୁ ଜୋରରେ ଜାବୁଡି ଧରି ମହିଳା ଜଣଙ୍କ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଥିବା ସମ୍ମାନକୁ ବଖାଣିଥିଲେ । ଆଉ ଥାଇଲାଣ୍ଡରେ ଥିବା ସେ ଭାରତୀୟ ମହିଳାଙ୍କ ଖୁସି-ଲୁହ-କୋହ ଦେଖି ମୋଦି ତାଙ୍କ ମଥାରେ ଆଶୀର୍ବାଦର ହାତ ବୁଲାଇ ଆଣିଥିଲେ । ମହିଳା ଜଣଙ୍କ ମୋଦିଙ୍କ ହାତକୁ ଧରି ବାରମ୍ବାର ଥ୍ୟାଙ୍କ୍ ୟୁ... ଥ୍ୟାଙ୍କ୍ ୟୁ... କହୁଥିବା ବେଳେ ସେହି ଦୃଶ୍ୟ ସମସ୍ତଙ୍କୁ ଭାବ ଭାବ କରିଦେଇଛି । ତେବେ କାହିଁକି ମହିଳା ଜଣଙ୍କ ଏମିତି କାନ୍ଦି ଉଠିଲେ, ଖୁସିରେ ନା ମୋଦିଙ୍କ ପାଇଁ ସେ କୌଣସି ସହଯୋଗ ପାଇଛନ୍ତି ସେଥିପାଇଁ ତାର କାରଣ ଜଣା ପଡିନଥିବା ବେଳେ ମୋଦିଙ୍କ ପ୍ରତି ମହିଳାଙ୍କ ଏ ବ୍ୟବହାର ଓ ସମ୍ମାନଭରା ଲୁହ ହିଁ ମୋଦିଙ୍କ ଲୋକପ୍ରିୟତାକୁ ବଖାଣୁଛି । ତେବେ ଥାଇଲାଣ୍ଡରେ ପହଞ୍ଚିବା ପରେ ମୋଦିଙ୍କୁ ଆଜି ଭବ୍ୟ ସ୍ୱାଗତ କରାଯାଇଥିଲା । ପ୍ରବାସୀ ଭାରତୀୟମାନେ ମୋଦିଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ମୋଦି... ମୋଦି ନାରାରେ ପରିବେଶ ପ୍ରକମ୍ପିତ ହୋଇଥିବା ବେଳେ ମୋଦିଙ୍କୁ ଗୀତା ଉପହାର ଇସ୍କନ ପକ୍ଷରୁ ଦିଆଯାଇଥିଲା । ଏବଂ ମୋଦି ଥାଇଲାଣ୍ଡରେ ଥାଇ ରାମାୟଣ ଦେଇଥିଲେ । ତେବେ ମୋଦି ୪ରେ ହେବାକୁ ଥିବା ଷଷ୍ଠ ତମ ଶିଖର ସମ୍ମିଳନୀରେ ଯୋଗଦେବେ । ଥାଇଲାଣ୍ଡ ଏବଂ ଭାରତର ଉତ୍ତର-ପୂର୍ବରାଜ୍ୟ ମଧ୍ୟରେ ପର୍ଯ୍ୟଟନ, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ଉପରେ ଆମେ ଗୁରୁତ୍ୱ ଦେଇଛୁ । ପାରସ୍ପରିକ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ବ୍ୟବସାୟିକ ବିନିମୟ ବୃଦ୍ଧି ଉପରେ ଆମେ ଆଲୋଚନା କରିଛୁ । ଏମ.ଏସ.ଏମ.ଇ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ମଧ୍ୟ ଚୁକ୍ତି ହୋଇଛି । ଅକ୍ଷୟ ଶକ୍ତି, ଡିଜିଟାଲ ଟେକ୍ନୋଲୋଜି, ଇ-ଯାନ, ରୋବୋଟିକ୍ସ, ମହାକାଶ, ଜୈବ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବାକୁ ଆମେ ନିଷ୍ପତ୍ତି ନେଇଛୁ । ଭୌତିକ ଯୋଗାଯୋଗ ବୃଦ୍ଧି ସହିତ ଉଭୟ ଦେଶ ଫିନ୍‌ଟେକ୍ ସଂଯୋଗକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବେ ।

## ଥାଇଲାଣ୍ଡରେ ରାମାୟଣ ଦେଖିଲେ

ବ୍ୟାଙ୍କକ,୩।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦୁଇ ଦିନିଆ ଥାଇଲ୍ୟାଣ୍ଡ ଗସ୍ତରେ ଯାଇଛନ୍ତି । ଏହି ସମୟରେ ସେ ଥାଇ ରାମାୟଣ ଦେଖିଲେ । ରାମାୟଣକୁ ଥାଇ ଭାଷାରେ ରାମାକେନ କୁହାଯାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ପାଇଟୋଙ୍ଗଥୋର୍ନ ସିନାୱାତ୍ରାଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ଏହି ସମୟ ମଧ୍ୟରେ, ଉଭୟ ନେତା ବାଣିଜ୍ୟ ସମ୍ପର୍କ ବିଷୟରେ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ପାଇଟୋଙ୍ଗଥୋର୍ନ ବର୍ତ୍ତମାନ ବିଶ୍ୱର ସବୁଠାରୁ ଯୁବ ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ବିମଷ୍ଟେକ ସମ୍ମିଳନୀରେ ଯୋଗଦେବେ । ୟୁନୁସ ସରକାରଙ୍କ ଜଣେ ଅଧିକାରୀ ଏକ ବୈଠକର ସମ୍ଭାବନା ପ୍ରକାଶ କରିଛନ୍ତି । ଯଦି ଦୁଇ ନେତା ପରସ୍ପରକୁ ଭେଟିବେ, ତେବେ ବାଂଲାଦେଶରେ କ୍ଷମତା ପରିବର୍ତ୍ତନ ପରେ ଏହା ଦୁଇ ଦେଶର ଶୀର୍ଷ ନେତାଙ୍କ ପ୍ରଥମ ସାକ୍ଷାତ ହେବ ।

## କୂଅରେ ପଡ଼ି ୮ ମୃତ

ଭୋପାଳ,୩।୪: ମଧ୍ୟପ୍ରଦେଶର ଖଣ୍ଡୱା ଜିଲାର କୋଣ୍ଡାଭାଟ ଗାଁରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଠାରେ ଗଙ୍ଗୌର ମାତାଙ୍କ ବିସର୍ଜନ ପାଇଁ କୂଅ ସଫା କରିବାକୁ ଯାଇଥିବା ୮ ଜଣଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣାର କାରଣ କୂଅ ଭିତରେ ମିଥେନ ଗ୍ୟାସର ଲିକେଜ ବୋଲି କୁହାଯାଉଛି । ଗଙ୍ଗୌର ମାତାର ଜୋୱାରଗୁଡିକର ବିସର୍ଜନ କୋଣ୍ଡାଭଟ ଗାଁରେ ହେବାର ଥିଲା । ଏହାକୁ ଦୃଷ୍ଟିରେ ରଖି ଗାଁ ଲୋକେ ୧୫୦ ବର୍ଷ ପୁରୁଣା ସାର୍ବଜନୀନ କୂଅକୁ ସଫା କରିବାକୁ ଯାଇଥିଲେ, କିନ୍ତୁ କୂଅରେ ସେମାନେ ଶ୍ୱାସରୁଦ୍ଧ ହୋଇ ସମସ୍ତଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । କୂଅରେ ପ୍ରାଣ ହରାଇଥିବା ପରିବାରକୁ ଜିଲା କଲେକ୍ଟର ପ୍ରତ୍ୟେକଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଏହି ହୃଦୟବିଦାରକ ଦୁର୍ଘଟଣା ପରେ, ସମଗ୍ର ଗାଁରେ ଶୋକର ଛାୟା ଖେଳିଯାଇଛି ।

## ୱାକଫ ସଂଶୋଧନ ବିଲ୍‌କୁ ସମର୍ଥନ ଦେବାରୁ ଜେଡିୟୁରୁ ଇସ୍ତଫା ଦେଲେ ୨ ବରିଷ୍ଠ ନେତା

ନୂଆଦିଲ୍ଲୀ,୩।୪: ୱାକଫ୍ ସଂଶୋଧନ ବିଲକୁ ସମର୍ଥନ ଦେବାରୁ ଦଳରୁ ଇସ୍ତଫା ଦେଲେ ୨ ବରିଷ୍ଠ ଜେଡିୟୁ ନେତା ମହମ୍ମଦ କାସିମ୍ ଅନସାରୀ ଓ ମହମ୍ମଦ ନଓ୍ୱାଜ ମଲ୍ଲିକ୍ । ଗୁରୁବାର ୱାକଫ୍ ସଂଶୋଧନ ବିଲ୍ ପ୍ରତି ସମର୍ଥନକୁ ନେଇ ମତଭେଦ ଦର୍ଶାଇ ଦୁଇ ନେତା ଦଳରୁ ଇସ୍ତଫା ଦେଇଛନ୍ତି । ବିଳମ୍ବିତ ରାତିରେ ଲୋକସଭାରେ ଏହି ବିଲ୍ ଗୃହୀତ ହୋଇଥିଲା । ଏକାଧିକ ବିରୋଧୀ ଦଳ ଏହାକୁ ବିରୋଧ କରିବା ସତ୍ତ୍ୱେ ଜେଡିୟୁ ସମର୍ଥନ ଦେଇଥିଲା । ତେଣୁ ଦଳ ପ୍ରତି ତାଙ୍କର ସମସ୍ତ ବିଶ୍ୱାସ ହଟି ଯାଇଛି ବୋଲି ଅନସାରୀ ଓ ନଓ୍ୱାଜ କହିଛନ୍ତି । 'ମୁଁ ମୋ ଜୀବନର କିଛି ବର୍ଷ ଦଳକୁ ଦେଇଥିବାରୁ ନିରାଶ' ଅନସାରି ଲେଖିଛନ୍ତି । ସେହିପରି ମଲିକ କହିଛନ୍ତି ଯେ ୱାକଫ ବିଲ୍ ସମ୍ବିଧାନରେ ଥିବା ଅନେକ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି । ମହମ୍ମଦ ଅନସାରୀ ତାଙ୍କ ଇସ୍ତଫା ପତ୍ରରେ ଲେଖିଛନ୍ତି 'ମୁଁ ସମ୍ମାନର ସହିତ କହିବାକୁ ଚାହେଁ ଯେ ଆମ ପରି ଲକ୍ଷ ଲକ୍ଷ ଭାରତୀୟ ମୁସଲମାନଙ୍କର ଅଟଳ ବିଶ୍ୱାସ ଥିଲା ଯେ ଆପଣ ଏକ ସମ୍ପୂର୍ଣ୍ଣ ଧର୍ମନିରପେକ୍ଷ ଚିନ୍ତାଧାରାର ଧ୍ୱଜା ବାହକ । କିନ୍ତୁ ବର୍ତ୍ତମାନ ଏହି ବିଶ୍ୱାସ ଭାଙ୍ଗି ଯାଇଛି । ଆମ ପରି ଲକ୍ଷ ଲକ୍ଷ ସମର୍ପିତ ଭାରତୀୟ ମୁସଲମାନ ଏବଂ କର୍ମୀ ଜେଡ(ୟୁ)ର ଏହି ସ୍ଥିତିରେ ଗଭୀର ଭାବରେ ମର୍ମାହତ ।' ଅନସାରୀ କହିଛନ୍ତି ଯେ ୱାକଫ ବିଲ୍ ଭାରତୀୟ ମୁସଲମାନମାନଙ୍କ ବିରୁଦ୍ଧରେ ରହିଛି ।

## କେଦାରନାଥ ଯାତ୍ରା ପୂର୍ବରୁ ସଂକ୍ରମିତ ହେଲେ ୧୨ ଖଚ୍ଚର

ଡେରାଡୁନ,୩।୪: କେଦାରନାଥ ଯାତ୍ରା ପୂର୍ବରୁ ସଂକ୍ରମିତ ହେଲେ ଘୋଡ଼ା । ଦେବଭୂମି କୁହାଯାଉଥିବା ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ କେଦାରନାଥଧାମ ଯାତ୍ରା ପୂର୍ବରୁ ୧୨ଟି ଖଚ୍ଚର (ଘୋଡ଼ା) ଠାରେ ଏଚଣ୍ଡୀଏନ୮ ଇନଫ୍ଲୁଏଞ୍ଜା ଭାଇରସ୍ ମିଳିଛି । ତେବେ ଏହି ଭୂତାଣୁର ସୂଚନା ସେତେବେଳେ ଜଣାପଡିଲା ଯେତେବେଳେ ଖଚ୍ଚରଙ୍କୁ ମେଡିକାଲ୍ ଯାଞ୍ଚ ପାଇଁ ନିଆଗଲା । ଡାକ୍ତରୀ ପରୀକ୍ଷା ପାଇଁ ୩୦୦ ଖଚ୍ଚରଙ୍କ ନମୁନା ନିଆଯାଇଥିଲା । ମାତ୍ର ଘୋଡାଙ୍କ ଦେହରେ ଭୂତାଣୁର ଖବର ମିଳିବା ପରେ ଏବେ ଖଚ୍ଚରଙ୍କୁ କ୍ୱାରେଣ୍ଟିନରେ ରଖାଯାଇଛି । ଭୂତାଣୁ ଯେମିତି ଆଗକୁ ନ ବ୍ୟାପିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ଏହି ସ୍ଥିତି ଉପରେ ନଜର ରଖିଛି ।

## ଏକାଠି ଜଳିଲା ୧୮ ଜୁଇ

ଭୋପାଳ,୩।୪: ଏକାଠି ଜଳିଲା ୧୮ ଜଣଙ୍କ ଜୁଇ । ନର୍ମଦା ନଦୀ କୂଳରେ ଅନ୍ତିମ ସଂସ୍କାର । ଭିଜିଗଲା ଆଖି, ବତୁରିଗଲା ହୃଦୟ । ସମସ୍ତେ କାନ୍ଦ କାନ୍ଦ, ସମସ୍ତଙ୍କ ଆଖିରେ ଲୁହ ଛାତିରେ କୋହ । କିଏ ପୁଅକୁ ହରାଇଛି ତ କିଏ ସ୍ୱାମୀଙ୍କୁ ତ ପୁଣି କିଏ ପ୍ରିୟଜନଙ୍କୁ ହରାଇ ନର୍ମଦା କୂଳରେ ନିଗାଡୁଛନ୍ତି ଲୁହ । ଏପଟେ ଜୁଇ ଜଳୁଛି, ସେପଟେ ଆଖିରୁ ଲୁହର ନଈ ବହିଯାଉଛି । ମୃତକଙ୍କ ପରିବାର ଲୋକଙ୍କ ଅବସ୍ଥା ଦେଖିଲେ ଲାଗୁଥିଲା ସତେକି ନର୍ମଦା ସାମ୍ନାରେ ନୁହେଁ ବରଂ ସେମାନଙ୍କ ଆଖିରେ ହିଁ ବହି ଯାଉଛି ନଦୀଟେ ହୋଇ । ଗୁଜୁରାଟ ବାଣ ଗୋଦାମରେ ବିସ୍ଫୋରଣ ଯୋଗୁଁ ୨୦ ଜଣଙ୍କ ପ୍ରାଣ ବାୟୁ ଉଡିଯାଇଥିବା ବେଳେ ଏବେ ମଧ୍ୟପ୍ରଦେଶରୁ ଆସିଛି ଲୁହଭିଜା କାହାଣୀ । ଯେତେବେଳେ ୧୮ ଜଣଙ୍କ ଶବ ଏକାଠି ଜଳୁଛି ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ତେବେ ଗୁଜୁରାଟ ବାଣ ବିସ୍ଫୋରଣର ୨୦ ଜଣଙ୍କ ମୃତ୍ୟୁ ହୋଇଥିଲା । ହେଲେ ସେମାନଙ୍କ ଭିତରୁ ୧୮ ଜଣ ମଧ୍ୟପ୍ରଦେଶର ହରଦା ଜିଲ୍ଲା ଏବଂ ଦେବାସ ଜିଲ୍ଲାର ଥିଲେ ଏବଂ ସମସ୍ତ ଶ୍ରମିକଙ୍କ ଶବ ଦେବାସ ଜିଲ୍ଲାର ନର୍ମଦା ନଦୀ କୂଳରେ ସଂସ୍କାର କରାଯାଇଛି ।

## ପୋଜ୍ ଦେଉ ଦେଉ ପଡ଼ିଗଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ସିଡନୀ,୩।୪: ନ୍ୟୁ ସାଉଥ ୱେଲ୍ସରେ ଗୁରୁବାର ଏକ ପ୍ରଚାର କାର୍ଯ୍ୟକ୍ରମ ସମୟରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ ମଞ୍ଚରୁ ପଡ଼ି ଯାଇଛନ୍ତି । ମେ' ମାସରେ ଅନୁଷ୍ଠିତ ଜାତୀୟ ନିର୍ବାଚନ ପାଇଁ ଏକ ପ୍ରଚାର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣ ପରେ ଫଟୋଗ୍ରାଫ ପାଇଁ ପୋଜ ଦେଉଥିବା ସମୟରେ ଏହି ଘଟଣା ଘଟିଥିଲା । ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓଗୁଡ଼ିକରେ ଦେଖାଯାଇଛି, ଆଲବାନିଜ ଅନ୍ୟ ପାର୍ଶ୍ୱକୁ ଯାଉଥିବା ସମୟରେ ମଞ୍ଚରୁ ପଡ଼ିଯାଉଛନ୍ତି । ପଡ଼ିଯିବା ପରେ ତାଙ୍କୁ ସୁରକ୍ଷାକର୍ମୀମାନେ ଉଠାଇଥିଲେ । କିଛି ମୁହୂର୍ତ୍ତ ମଧ୍ୟରେ, ସେ ଉଠିବା ପରେ ହସିଥିଲେ ଏବଂ ଦୁଇ ହାତରେ ଲୋକଙ୍କୁ ଇଙ୍ଗିତ କରି କହିଲେ, ସେ ଭଲ ଅଛନ୍ତି । ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ ବର୍ତ୍ତମାନ ମେ ୩ରେ ହେବାକୁ ଥିବା ଅଷ୍ଟ୍ରେଲିଆର ଜାତୀୟ ନିର୍ବାଚନ ପାଇଁ ପ୍ରଚାର କରୁଛନ୍ତି । ତାଙ୍କ ଦଳ ଲେବର ପାର୍ଟି ପିଟର ଡଟନଙ୍କ ନେତୃତ୍ୱାଧୀନ ଲିବେରାଲ-ନ୍ୟାଶନାଲ ପାର୍ଟି ବିରୋଧରେ କଡ଼ା ଲଢ଼େଇ କରୁଛି । ଏହା ପ୍ରଥମ ଥର ନୁହେଁ ଯେ କୌଣସି ଦେଶର ଶୀର୍ଷ ନେତା କୌଣସି କାର୍ଯ୍ୟକ୍ରମ ସମୟରେ ପଡ଼ିଯାଇଛନ୍ତି । ପୂର୍ବରୁ ପୂର୍ବତନ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଥର ପଡ଼ିଥିଲେ । ଥରେ ସେ ବିମାନରେ ଚଢ଼ିବା ସମୟରେ ଝୁଣ୍ଟି ପଡ଼ିଥିଲେ । ଏହା ବ୍ୟତୀତ, ବାୟୁସେନାର ଏକ କାର୍ଯ୍ୟକ୍ରମ ସମୟରେ ସେ ମଞ୍ଚରୁ ଓହ୍ଲାଉଥିବା ସମୟରେ ପଡ଼ିଯାଇଥିଲେ । ସେହି ସମୟ ମଧ୍ୟରେ ତାଙ୍କର କୌଣସି ଗୁରୁତର ଆଘାତ ହୋଇ ନ ଥିଲା ।

## ପ୍ରେମ ସମ୍ପର୍କ ବିଗିଡିବା ଦୁଷ୍କର୍ମ ମାମଲାର କାରଣ ନ ହେଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ ୩।୪: ସୁପ୍ରିମକୋର୍ଟ ଅଫ ଇଣ୍ଡିଆ ପ୍ରେମ ସମ୍ପର୍କକୁ ନେଇ ବିଶେଷ ଟିପ୍ପଣୀ କରିଛନ୍ତି । ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଏମ.ଏମ.ସୁନ୍ଦରେଶ ଓ ଜଷ୍ଟିସ୍ ରାଜେଶ ବିନ୍ଦଲଙ୍କ ବେଞ୍ଚ ପ୍ରେମ ସମ୍ପର୍କ ବିଗିଡିବା ଯୋଗୁ ଦୁଷ୍କର୍ମ ମକଦ୍ଦମା ରୁଜୁ କରାଯାଉଥିବାରୁ ଉଦବେଗ ପ୍ରକାଶ କରିଛନ୍ତି । ଟିପ୍ପଣୀ ରେପ୍ କେସ୍ ସମ୍ପର୍କିତ ଏକ ମାମଲାରେ କରାଯାଇଛି । ଅଭିଯୁକ୍ତ ଆବେଦନ କରି ତାଙ୍କ ବିରୋଧରେ ରୁଜୁ ରେପ କେସ୍ କୁ ରଦ୍ଦ କରିବାକୁ ଦାବି କରିଥିଲେ । ଏହି ମାମଲାରେ ଟିପ୍ପଣୀ କରି ସୁପ୍ରିମକୋର୍ଟଙ୍କ ବେଞ୍ଚ କହିଛନ୍ତି ଯେ ତୁଟି ଯାଇଥିବା ପ୍ରେମ ସମ୍ପର୍କ ରେପ କେସ୍ ରୁଜୁ କରିବାର ଆଧାର ହେବା ଉଚିତ ନୁହେଁ । ପ୍ରେମୀ ଯୁଗଳ କୌଣସି କାରଣରୁ ପୃଥକ ହୋଇଗଲେ ଏହାର ଅର୍ଥ ନୁହେଁ ରେପ୍ କେସ୍ ରୁଜୁ କରାଯିବ । ଖାସ କରି ବଦଳୁଥିବା ନୈତିକ ମୂଲ୍ୟ ସନ୍ଦର୍ଭରେ କେବେବି ଏଭଳି ହେବା ଉଚିତ ନୁହେଁ । ଏପରି ମାମଲା ରଢିବାଦୀ ମାନସିକତାକୁ ଦର୍ଶାଉଛି । ଜନୈକ ଅଭିଯୁକ୍ତ ସୁପ୍ରିମକୋର୍ଟରେ ପିଟିସନ ଦାୟର କରି କହିଛନ୍ତି ଯେ ମହିଳା ତାଙ୍କ ବିରୋଧରେ ରେପ କେସ୍ ରୁଜୁ କରିଛନ୍ତି । ମହିଳାଙ୍କ ସହିତ ତାଙ୍କର ବିବାହ ପ୍ରସ୍ତାବ ପଡିଥିଲା । ତେବେ ନିର୍ବନ୍ଧ ଭାଙ୍ଗିବା ଯୋଗୁ ମହିଳା ଅଭିଯୋଗ କରିଛନ୍ତି ଯେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନା କରାଯାଇଛି । ଏଥିଲାଗି ତାଙ୍କୁ ବାଧ୍ୟ କରାଯାଇଥିଲା । ମହିଳାଙ୍କ ମକଦ୍ଦମା ବରିଷ୍ଠ ଓକିଲ ମାଧବୀ ଦିବାନ ଲଢୁଛନ୍ତି । କୋର୍ଟରେ ଓକିଲଙ୍କୁ ଦେଖି ବେଞ୍ଚ କହିଛନ୍ତି ଯେ ଯିଏ ଏତେ ସିନିୟର ଓକିଲଙ୍କୁ ତାଙ୍କ କେସ୍ ଦେଇଛନ୍ତି ତାଙ୍କୁ କେବେ ସିଧାସାଧା ଓ ଶରଳ ବୋଲି କୁହାଯାଇ ପାରିବନି, ଏଣୁ କୋର୍ଟ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରୁଛନ୍ତି । ସୁପ୍ରିମକୋର୍ଟ ବେଞ୍ଚ କହିଛନ୍ତି ଯେ ପ୍ରେମ ସମ୍ପର୍କ ଖରାପ ହେବା କାରଣରୁ ରେପ କେସ୍ ରୁଜୁ କରିବା ମାମଲା ରଢିବାଦୀ ବିଚାରଧାରାର ପରିଣାମ । ଏପରି ବିଚାର ରଖୁଥିବା ଲୋକେ ପୁରୁଷଙ୍କୁ ହିଁ ଦୋଷୀ କରିଥାନ୍ତି, ତେବେ କୋର୍ଟ ମାମଲାକୁ ଗୋଟିଏ ଦିଗରୁ ଦେଖେ ନାହିଁ । କୋର୍ଟ ପୁରୁଷ ଓ ସ୍ତ୍ରୀ ମଧ୍ୟରେ କୌଣସି ଭେଦଭାବ କରେନି । ଜଜମାନେ କହିଛନ୍ତି ଯେ ଆମ ଘରେ ବି ଝିଅ ଅଛନ୍ତି । ଯଦି ସେ ବି ଏହି ପୀଡ଼ିତାଙ୍କ ଜାଗାରେ ଥାନ୍ତି ଏପରି ମାମଲାକୁ ଆହୁରି ଗଭୀର ଦୃଷ୍ଟିରେ ଦେଖା ଯାଇଥାନ୍ତା ।

## ଲୋକସଭାରେ ଉପକୂଳ ଜାହାଜ ଚଳାଚଳ ବିଲ୍, ୨୦୨୪ ଗୃହୀତ

ନୂଆଦିଲ୍ଲୀ,୩।୪(ପିଆଇବି): ଲୋକସଭାରେ ଆଜି ଉପକୂଳ ଜାହାଜ ଚଳାଚଳ ବିଲ୍, ୨୦୨୪ ପାରିତ ହୋଇଛି । ଏହା ଉପକୂଳ ବାଣିଜ୍ୟ ପାଇଁ ଏକ ଉତ୍ସର୍ଗୀକୃତ ଆଇନଗତ ଢାଞ୍ଚା ପାଇଁ ପଥ ପରିଷ୍କାର କରିଛି । ଦେଶର ସାମୁଦ୍ରିକ କ୍ଷେତ୍ର ଏକ ଆର୍ଥିକ, ବିଶ୍ୱସନୀୟ ଏବଂ ଦୀର୍ଘସ୍ଥାୟୀ ପରିବହନ ମାଧ୍ୟମ ପ୍ରଦାନ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରଣ କରିଥିବା ବେଳେ ଏହା ସଡ଼କ ଏବଂ ରେଲ ନେଟୱର୍କରେ ହେଉଥିବା ପରିବହନ ତୁଳନାରେ ଅଧିକ ଦକ୍ଷ ପରିବହନ ମାଧ୍ୟମ ପ୍ରଦାନ କରିଥାଏ । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି ଯେ ଏହି ବିଲ୍ ଭାରତର ବିଶାଳ ଏବଂ ରଣନୈତିକ ଉପକୂଳର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବାକୁ ଚାହୁଁଛି, ଯାହା ଉପକୂଳ ବାଣିଜ୍ୟ ପାଇଁ ଉତ୍ସର୍ଗୀକୃତ ଆଇନଗତ ଢାଞ୍ଚା ପ୍ରଦାନ କରିବ । ଉପକୂଳ ଜାହାଜ ଚଳାଚଳ ବିଲ୍, ୨୦୨୪ର ଲକ୍ଷ୍ୟ ହେଉଛି ଉପକୂଳ ବାଣିଜ୍ୟକୁ ସହଜ ଏବଂ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିବା । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ସାମଗ୍ରିକ ପରିବହନ ଦୃଷ୍ଟିକୋଣ-ଜାତୀୟ ଲଜିଷ୍ଟିକ୍ସ ନୀତି ସହିତ ଅଧିକ ସମନ୍ୱିତ । ଏହାର ବହୁବିଧ ଅଗ୍ରଗାମୀ ବ୍ୟବସ୍ଥା ସହିତ, ଏହି ବିଲ୍ ବାଣିଜ୍ୟିକ ଜାହାଜ ଚଳାଚଳ ଅଧିନିୟମ, ୧୯୫୮ ପରି ପୂର୍ବବର୍ତ୍ତୀ ଆଇନରେ ଥିବା ପୁରୁଣାକାଳିଆ ବ୍ୟବସ୍ଥାର ଉନ୍ନତିକରଣ କରିବା ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଆଇନଗତ ଢାଞ୍ଚା ପ୍ରଦାନ କରିଥାଏ । ପ୍ରସ୍ତାବିତ ବିଲ୍ ଭାରତର ଉପକୂଳ ବାଣିଜ୍ୟରେ ବିଦେଶୀ ଜାହାଜକୁ ଲାଇସେନ୍ସ ଦେବା ଏବଂ ନିୟନ୍ତ୍ରଣ କରିବା ପାଇଁ ପ୍ରମୁଖ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି । ଏହା ଏକ ଜାତୀୟ ଉପକୂଳ ଏବଂ ଅନ୍ତର୍ଦେଶୀୟ ଜାହାଜ ଚଳାଚଳ ରଣନୈତିକ ଯୋଜନା ପ୍ରସ୍ତୁତ କରିବା ଏବଂ ଉପକୂଳ ଜାହାଜ ଚଳାଚଳ ପାଇଁ ଏକ ଜାତୀୟ ଡାଟାବେସ୍ ପ୍ରତିଷ୍ଠା କରିବା ବାଧ୍ୟତାମୂଳକ କରେ । ଏହି ବିଲ୍ ଭାରତୀୟ ସଂସ୍ଥା ଦ୍ୱାରା ଅଣାଯାଇଥିବା ବିଦେଶୀ ଜାହାଜକୁ ମଧ୍ୟ ନିୟନ୍ତ୍ରଣ କରେ ଏବଂ ଆଇନ ଉଲ୍ଲଂଘନ ପାଇଁ ସରକାରଙ୍କ ଚାପ ସହିତ ମେଳ ଖାଇ ଉଲ୍ଲଂଘନ ପାଇଁ ଦଣ୍ଡର ରୂପରେଖ ଦେଇଥାଏ ।

## ଆମେରିକାରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼

### ବନ୍ୟା ଚେତାବନୀ ଜାରି



ୱାଶିଂଟନ,୩।୪: ଏକ ଭୟଙ୍କର ଝଡ଼ ଆମେରିକାର ମଧ୍ୟ-ପଶ୍ଚିମ ଏବଂ ଦକ୍ଷିଣର କିଛି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି, ଯାହା ଫଳରେ ସାଧାରଣ ଜୀବନଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହୋଇଛି । ଝଡ଼ ଯୋଗୁଁ କିଛି ଘରର ଛାତ ଉଡ଼ିଯାଇଥିଲା ଏବଂ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିଲା ଏବଂ

## ଆସିକା ଖଣ୍ଡଦେଉଳି ଗ୍ରାମରେ ଚୋରି

ଆସିକା(ନିପ୍ର): ଆସିକା ଥାନା କର୍ଣ୍ଣୋଳୀ ନିକଟ ଖଣ୍ଡଦେଉଳି ଗ୍ରାମରେ ମଧ୍ୟ ରାତ୍ରରେ ଚୋରି ହୋଇଥିବା ଖବର ମିଳିଛି । ଗାଁ ବାରିତଳ ସାହିର ଚନ୍ଦ୍ର ଶେଖର ପ୍ରଧାନ ଘରେ ଏହି ଚୋରି ଘଟଣା ଘଟିଥିବା ଆସିକା ଥାନାରେ ଅଭିଯୋଗ ହୋଇଛି । ସୁଟକେସ ଓ ଟ୍ରଙ୍କ ଫେଡ଼ି ଭାଙ୍ଗି ଚୋରମାନେ ନଗଦ ୩୦ ହାଜର ଟଙ୍କା ଓ ୭୦ ଗ୍ରାମର ବିଭିନ୍ନ ମୂଲ୍ୟବାନ ସୁନା ଅଳଙ୍କାର ଲୁଟି ନେଇଛନ୍ତି । ଏହି ଚୋରି ଘଟଣାରେ ପୋଲିସ ଏକ ମକଦ୍ଦମା ରୁଜୁ କରି ପୋଲିସ ସନ୍ଧନୀ କୁକୁର ଆଣି ଅନୁଧ୍ୟାନ କରିଥିଲେ ମଧ୍ୟ କୌଣସି ଫଳ ମିଳିନି । ଚୋର ମାନେ ଚୋରି କରିବା ପରେ ଅନେକ ଆସବାବପତ୍ର ବାହାରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଚନ୍ଦ୍ରଶେଖର ପ୍ରଧାନଙ୍କ ପରିବାର ଗୋଟିଏ କୋଠରୀରେ ଶୋଇଥିବା ବେଳେ ଦ୍ୱିତୀୟ କୋଠରୀରେ ସୁଧାକର ପ୍ରଧାନଙ୍କ ପରିବାର ଶୋଇଥିଲେ । ଶୋଇବା ଘର ମଧ୍ୟରୁ ଏହା କିପରି ଚୋରି ହେଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଅନ୍ୟପଟରେ ଏହା ଗାଁର କେତେକ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିବା ସନ୍ଦେହ କରାଯାଉଛି । ପ୍ରକାଶ ଥାଉକି ଆସିକାର ବିଭିନ୍ନ ଗ୍ରାମାଞ୍ଚଳରେ ସିଦ୍ଧି ଚୋର ସାଙ୍ଗକୁ ବହୁ ଗାଡ଼ି ମଟର ସାଇକେଲ ବାରମ୍ବାର ଚୋରି ହେଉଥିବା ଜଣାପଡ଼ିଛି । ସେଥିପାଇଁ ସମସ୍ତ ଅଞ୍ଚଳରେ ଚୋରି ଭୟ ଲାଗି ରହିଛି ।

---

## ବେଆଇନ ଷଣ୍ଢ ଚାଲାଣ ଓ ଚୋରା ମଦ କାରବାର ଘଟଣାରେ ଜଣେ ଅଟକ

ଡେରାବିଶ(ନିପ୍ର): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ କୁରୁଜଙ୍ଗା ଗ୍ରାମର ବକାଶ ଦାସଙ୍କୁ ଡେରାବିଶ ପୋଲିସ ଷଣ୍ଢ ଚାଲାଣ ଓ ବେଆଇନ ମଦ କାରବାର ଅଭିଯୋଗରେ ଅଟକ ରଖିଥିବା ବେଳେ ମାନସ ଦାସ ଓ ପ୍ରକାଶ ଦାସ ଫେରାର ଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ କୁରୁଜଙ୍ଗା ପଞ୍ଚାୟତ ଶଙ୍କରପୁର ଗ୍ରାମର ତ୍ରିଲୋଚନ ମଲ୍ଲଙ୍କ ଅଭିଯୋଗ ମୁତାବକ କୁରୁଜଙ୍ଗା ଗ୍ରାମ ବିକାଶ ଦାସ ଓ ତାଙ୍କ ଦୁଇଭାଇ ପ୍ରକାଶ ଓ ମାନସ ତିନୋଟି ଷଣ୍ଢକୁ ବିକିବା ପାଇଁ ବାନ୍ଧିଥିଲେ । ତ୍ରିଲୋଚନ ଏହାର ପ୍ରତିବାଦ କରିବାରୁ ବିକାଶ ଓ ତା'ର ଭାଇମାନେ ତ୍ରିଲୋଚନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଜୀବନ ବଞ୍ଚାଇବାକୁ ଯାଇ ପ୍ରାଣ ବିକଳରେ ଜଣଙ୍କ ଘରେ ଆଶ୍ରୟ ନେଇ ତ୍ରିଲୋଚନ ଡେରାବିଶ ପୋଲିସକୁ ଖବର ଦେଇଥିଲା । ଆଇଆଇସି ସରୋଜକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତ ତ୍ରିଲୋଚନକୁ ଉଦ୍ଧାର କରିବା ସହିତ ବିକାଶକୁ ଧରି ଥାନାକୁ ଆଣିଛନ୍ତି ଏବଂ ବିକାଶଠାରୁ ବେଆଇନ ମଦ ଜବତ କରିଥିଲେ । ଏ ନେଇ ପୋଲିସରେ ଦୁଇଟି ମାମଲା ରୁଜୁ କରି ବିକାଶକୁ ଅଟକ ରଖିଛି । ଅପରପକ୍ଷରେ ଏହି ଘଟଣା ସମ୍ପର୍କରେ ଖବରପାଇ ଭାଜପା ନେତା ତେଜେଶ୍ୱର ପରିଡା ନିଜ ସମର୍ଥକଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ନିକଟରେ ଦାବି କରିଛନ୍ତି ।

---

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

ରମ୍ଭା(ନିପ୍ର): ଜାତୀୟ ରାଜପଥ-୧୬ ବାଇପାସ ଭାଲୁବନ୍ଧ ପାର୍ଶ୍ୱରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ରମ୍ଭା ବଜାର ମେଦିରି ସାହିର ମୃତ ସୁଲଚନା ବେହେରା (୨୯) ଏକ ମାତ୍ର ଝିଅହୋଇଥିବା ଜଣାଯାଇଛି । ଅନୁସନ୍ଧାନରୁ ଜଣାପଡିଛି ଯେ ପାହାନ୍ତିଆ ସମୟରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଯାଉଥିବା ବେଳେ ଏକ ଶବ୍ଦ ବିହୀନ ଗାଡି ଧକ୍କା ଦେଇଥିବା କୁହାଯାଉଛି । ଅଧିକ ତଦନ୍ତ ପାଇଁ ପୋଲିସ ତଦନ୍ତ ଜାରି ରଖିଛି । ମହିଳାଙ୍କ ମୃତ୍ୟୁକୁ ନେଇ ନାନା ଗୁଞ୍ଜରଣ ସୃଷ୍ଟି ହେବା ସହ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି ।

---

## ରୁକୁଣା ରଥଯାତ୍ରା ପାଇଁ ପୁଲିସ-ସେବାୟତଙ୍କ ମଧ୍ୟରେ ବୈଠକ

ଭୁବନେଶ୍ୱର(ନିପ୍ର): ପବିତ୍ର ଅଶୋକାଷ୍ଟମୀ ଉପଲକ୍ଷେ ଆସନ୍ତା ୦୫.୦୪.୨୦୨୫ ଓ ୦୯.୦୪.୨୦୨୫ ରିଖରେ ହେବାକୁ ଥିବା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଗୁରୁବାର ସନ୍ଧ୍ୟା ୫ଟାରେ ଲିଙ୍ଗରାଜ ଥାନାରେ ପୁଲିସ ଏବଂ ସେବାୟତଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକକୁ ଭୁବନେଶ୍ୱର ଡିସିପି ଜଗମୋହନ ମୀନା (ଆଇପିଏସ) ଅଧ୍ୟକ୍ଷତା କରିଥିବା ବେଳେ, ଡିସିପି (ଟ୍ରାଫିକ୍), ଏସିପି (ଟ୍ରାଫିକ୍), ଏସିପି କୋନ-୨ ଏବଂ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ଶ୍ରୀ ଲିଙ୍ଗରାଜ ମନ୍ଦିର ନିଜୋଗର ସେବାୟତଗଣ ମଧ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ସମସ୍ତଙ୍କ ଉପସ୍ଥିତିରେ ରଥଯାତ୍ରା ଉପଲକ୍ଷେ ସାଧାରଣ ନିରାପତ୍ତା ବ୍ୟବସ୍ଥା, ସର୍ବସାଧାରଣ ଯାତାୟାତ ଓ ଅନ୍ୟାନ୍ୟ ଆବଶ୍ୟକ ପ୍ରସ୍ତୁତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

# ନାବାଳକ ସମେତ ୪ ଧରାପଡିଲେ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ କେନ୍ଦ୍ର କରି ପୁଣି ଅଶାନ୍ତ ହୋଇଛି ପାତ୍ରପଡା । ଖଣ୍ଡଗିରି ଥାନା ପାତ୍ରପଡାରେ କିଛି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ମାମଲାରେ ଖଣ୍ଡଗିରି ଥାନା ପୁଲିସ ଗୁରୁବାର ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଖଣ୍ଡଗିରି ଥାନା ପାତ୍ରପଡା ଗ୍ରାମର ବିଜୟ ପଟ୍ଟଶାଣୀ , ଓମ୍ ପ୍ରକାଶ ବେହେରା ଓରଫ ବୁଟୁ, ଆଦିତ୍ୟ ବେହେରା ଓରଫ ବଣ୍ଟି । ଅଭିଯୁକ୍ତ ମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିବା ସହ କୋର୍ଟ ଚାଲାଣ କରିଛି ପୁଲିସ । ସୂଚନାଯୋଗ୍ୟ ଯେ, ଗତ ହୋଲି ଦିନ ରଙ୍ଗ ଖେଳିବା ସମୟରେ ବିଜୟ ଜୀବନ ଜ୍ୟୋତିଙ୍କ ବାଡିରେ ପଶି କୌଣସି କାରଣରୁ ପାଟିତୁଣ୍ଡ କରିଥିଲେ । ଏହି ଘଟଣାକୁ ନେଇ ଦୁଇ ପକ୍ଷ ମଧ୍ୟରେ ବିବାଦ ଉପୁଜିଥିଲା । କଥା ସମାଧାନ ହୋଇଥିଲେ ମଧ୍ୟ ପୂର୍ବ ରାଗକୁ ବିଜୟ ଭୁଲିପାରି ନଥିଲେ । ତେଣୁ ପ୍ରତିଶୋଧ ନେବାପାଇଁ ମନେ ମନେ ସ୍ଥିର କରିଥିଲେ । ଗତକାଲି ଜୀବନ ଜ୍ୟୋତି ସାମନ୍ତରାୟଙ୍କ ପୁଅ ଆଲୋକଜ୍ୟୋତି ଓ ପୁତୁରା ଦିବ୍ୟଜ୍ୟୋତି ବାଇକ ଯୋଗେ ଡିଏନ ଲାଗାଲିଆ ଆସିଥିଲେ । ଫେରିବା ସମୟରେ ପାତ୍ରପଡା ଚାରିଛକ ନିକଟରେ ଥିବା ତାରିଣୀ ମନ୍ଦିର ପାଖରେ ଦହିବରା ଖାଇବା ପାଇଁ ଅଟକି ଥିଲେ । ଏହି ସମୟରେ ବିଜୟ, ବଣ୍ଟି ଓ ବୁଟୁ ତାଙ୍କର କିଛି ସହଯୋଗୀ ସେଠାରେ ପହଞ୍ଚିଥିଲେ । ଉଭୟଙ୍କ ମଧ୍ୟରେ ପୂର୍ବ ବିବାଦକୁ ନେଇ କଥା କଟାକଟି ହୋଇଥିଲେ । ଆଲୋକ ଓ ଦିବ୍ୟଜ୍ୟୋତି କିଛି ବୁଝିବା ପୂର୍ବରୁ ଆଦିତ୍ୟ ବେହେରା ଓରଫ ବଣ୍ଟି ଏକ ଧାରୁଆ ଅସ୍ତ୍ରରେ ଦୁଇ ଭାଇଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା । ଦୁଇ ଭାଇଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିବାରୁ ସେମାନେ ତଳେପଡି ଚିତ୍କାର କରିଥିଲେ । ନିକଟରେ ଥିବା କିଛି ସ୍ଥାନୀୟ ଲୋକ ଘଟଣା ସ୍ଥଳକୁ ଦୌଡ଼ି ଆସିବାରୁ ଅଭିଯୁକ୍ତ ମାନେ ସେଠାରୁ ମୋଟରସାଇକଲ ଧରି ଖସିଯାଇଥିଲେ । ସ୍ଥାନୀୟ ଲୋକ ଦୁଇ ଭାଇଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ । ଖବର ପାଇ ଜୀବନ ଡାକ୍ତରଖାନାରେ ପହଁଚି ଥିଲେ । ପରେ ଏନେଇ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଖଣ୍ଡଗିରି ଥାନା ତୁରନ୍ତ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲା । ଖଣ୍ଡଗିରି ଥାନା ଅଧିକାରୀ ଘଟଣାସ୍ଥଳକୁ ଆସି ସ୍ଥାନୀୟ ଲୋକଙ୍କୁ ପଚରା ଉଚୁରା କରିଛନ୍ତି । ଜଣେ ନାବାଳକ ସମେତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରି ଅଦାଲତ ଚାଲାଣ କରିଛି । ଘଟଣାର ତଦନ୍ତ ଚାଲିଛି । ଏହି ମାମଲାରେ ଅନ୍ୟ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି ।

## ୧୩ ଚୋରି ମୋବାଇଲ ଲୋକଙ୍କୁ ଫେରାଇଲା ପାହାଳ ପୁଲିସ

ଭୁବନେଶ୍ୱର(ନିପ୍ର): ଆହ୍ୱନ ମୁଡରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା । ଅପରାଧୀଙ୍କୁ ସାବାଡ କରିବା ସହ ଲୁଟେରାମାନଙ୍କୁ ଗୋଡେଇ ଗୋଡେଇ କାବୁ କରି ବଡ ସଫଳତା ପାଇଛନ୍ତି ଥାନା ଅଧିକାରୀ । ପାହାଳ ଥାନା ଅଞ୍ଚଳରେ ଘଟିଥିବା ମୋବାଇଲ ଲୁଟେରାମାନଙ୍କୁ କାବୁ କରିବା ସହ ଚୋରି ମୋବାଇଲକୁ ଜବତ କରାଯାଇଛି । ଚୋରି ହୋଇଥିବା ଗ୍ରାହକମାନଙ୍କୁ ୧୩ ଟି ମୋବାଇଲ ଫୋନକୁ ଫେରାଇଲା ପାହାଳ ପୁଲିସ । ଚୋରି ହୋଇଥିବା ମୋବାଇଲ ଫୋନକୁ ଫେରି ପାଇବା ପରେ ଏନେଇ ଗ୍ରାହକମାନେ ଖୁସି ପ୍ରକଟ କରିବା ସହ ପାହାଳ ପୁଲିସକୁ ଧନ୍ୟବାଦ ଦେଇଛନ୍ତି । ଏନେଇ ଗ୍ରାହକମାନେ କହିଛନ୍ତି ଯେ, ଆମର ଆଉ ବିଶ୍ୱାସ ନଥିଲା । ଆମେ ଆମ ଫୋନ ପାଇବା ପରେ ଏତେ ଖୁସି ଯେ, ତାହା ନ କହିଲେ ଭଲ । ପୁଲିସ ପାଇଁ ଆମେ ସୁରକ୍ଷିତ ।

## ୧୦ କ୍ୱିଣ୍ଟାଲ ମହୁଲ ପୋଚ ସହ ଜଣେ ଗିରଫ

ରେଡ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା କିସିଣ୍ଡା ଗ୍ରାମରେ ବୁଧବାର ରେଡାଖୋଲ ଓ ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ୧୦ କ୍ୱିଣ୍ଟାଲ ମହୁଲ ପୋଚ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲା କିସିଣ୍ଡା ଗ୍ରାମର ଅବିନାଶ ପ୍ରଧାନ (୨୬) । ସୂଚନାଯୋଗ୍ୟ ଯେ ଅଭିଯୁକ୍ତ ଜଣକ ଜଣେ ମହୁଲ ଫୁଲ ବ୍ୟବସାୟୀ ହେଲେ ସେ ବେଆଇନ ଭାବରେ ଏତେ ମହୁଲ ଫୁଲ ବ୍ୟବସାୟ କରୁଥିବାରୁ କୌଣସିମତେ ଅବକାରୀ ବିଭାଗ ଜାଣିବାକୁ ପାଇ ଚଢ଼ାଉ କରି ଉକ୍ତ ବ୍ୟକ୍ତି ଜଣକୁ ଗିରଫ କରି ବେଆଇନ୍ ମହୁଲ ପୋଚ ସଂଗ୍ରହ କରିଥିଲା । ଏନେଇ ଅବକାରୀ ବିଭାଗ ଅଧିକାରୀ ଧ୍ରୁବଦଳ ବିଶ୍ୱାଳ ସୂଚନା ଦେଇଛନ୍ତି ।

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଲ' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ।

## ବ୍ଲକ୍ ଅଧକ୍ଷା ଭାବେ ମମତା ଭୋଳଙ୍କ ଦାୟିତ୍ୱ ଗ୍ରହଣ

ବେଲଗୁଣ୍ଡା(ନିପ୍ର): ବେଲଗୁଣ୍ଡା ବ୍ଲକର ପ୍ରାକ୍ତନ ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଦେହାନ୍ତ ପରେ କିଛିଦିନ ଧରି ଉପାଧକ୍ଷା ପ୍ରମିଳା ପ୍ରଧାନ ଅଧକ୍ଷ ଦାୟିତ୍ୱ ତୁଲାଇ ଆସିଥିଲେ । ଏହାପରେ ବ୍ଲକ୍ ଅଧକ୍ଷ ଉପ ନିର୍ବାଚନରେ ବଡ଼ ବୋର୍ସିଂ ସମିତିସଭ୍ୟା ବିଜୟୀ ହୋଇଥିବା ବେଳେ ସେ ଗୁରୁବାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବ୍ଲକ୍ ଅଧକ୍ଷା ମମତା ଭୋଳ ପ୍ରଥମେ ବେଲଗୁଣ୍ଡା ଆରାଧ୍ୟ ଲକ୍ଷ୍ମୀ ନୃସିଂହଙ୍କ ନିକଟରେ ପୂଜାର୍ଚ୍ଚନା କରି ଦିନ ୧୨ଟା ସମୟରେ ବେଲଗୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ଅଧକ୍ଷଙ୍କ ପ୍ରକୋଷ୍ଠରେ ଆସନ ଅଳଙ୍କୃତ କରିଥିଲେ । ଏହାପରେ ତାଙ୍କୁ ବ୍ଲକ୍ ପ୍ରଶାସନ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ବେଲଗୁଣ୍ଡା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ଏବଂ ବହୁ କର୍ମୀ ଶ୍ରୀମତୀ ଭୋଳଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମମତା ଭୋଳ ଆଜି ଦାୟିତ୍ୱ ଗ୍ରହଣ କରିବା ପରେ କହିଛନ୍ତି, ସମସ୍ତଙ୍କୁ ନେଇ ବେଲଗୁଣ୍ଡା ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ କରାଯିବ । ନୂତନ ବ୍ଲକ୍ ଅଧକ୍ଷାଙ୍କୁ ବଡ଼ ବୋର୍ସିଂ ସରପଞ୍ଚ ଏସ୍ ରାମେଶ୍ୱର ପାତ୍ର,ବେଣୀପଲ୍ଲୀ ସରପଞ୍ଚ ଦୁର୍ଗା ମାଧବ ନାୟକ ପ୍ରମୁଖ ସ୍ୱାଗତ କରିଥିଲେ । ଆଗାମୀ ଦିନରେ ସମସ୍ତଙ୍କୁ ନେଇ ବେଲଗୁଣ୍ଡା ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ କରିବେ ବୋଲି ବ୍ଲକ୍ ଅଧକ୍ଷା ଶ୍ରୀମତୀ ଭୋଳ ପ୍ରତିଶ୍ରୁତି ଦେଇଥିଲେ।

## ୪ ଅଭିଯୁକ୍ତଙ୍କୁ ଗିରଫ କଲା ଚନ୍ଦକା ପୁଲିସ

ଭୁବନେଶ୍ୱର(ନିପ୍ର): ପୁଲିସକୁ ତଥ୍ୟ ଦେବା ମହଙ୍ଗା ପଡିଛି ଜଣେ ଯୁବକଙ୍କୁ । ଚନ୍ଦକା ଥନା ଅଞ୍ଚଳରେ ବେଆଇନ ଭାବେ ମୋରମ ଓ ମାଙ୍କଡା ପଥର ଚୋରା ଚାଲାଣକାରୀଙ୍କ ତଥ୍ୟ ପୁଲିସ ଦେବା ନେଇ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ନେବା ସହ ଗୋଟିଏ ରୁମରେ ବନ୍ଧକ ରଖି ନିର୍ଧୁମ ମାଡ ମାରିବା ଘଟଣାରେ ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଅସୀମ କୁମାର ରାଉତରାୟ (୫୩), ଅଭିଶେଷ ରାଉତରାୟ (୨୩), ବିଶ୍ୱଜିତ ରାଉତରାୟ (୨୦) ଓ ଗୌତମ କେଶରୀ ରାଉତରାୟ(୫୫)। ଗିରଫ ସମସ୍ତ ଗିରଫ ଅଭିଯୁକ୍ତମାନଙ୍କ ଘର ଚନ୍ଦକା ଥାନା ଅଞ୍ଚଳରେ ବୋଲି ଜଣାପଡିଛି । ଗିରଫ ଅଭିଯୁକ୍ତମାନଙ୍କ ନାମରେ ଜଟଣୀ ଓ ଚନ୍ଦକା ଥାନାରେ ବହୁ ଅପରାଧୀକ ମାମଲା ରହିଛି । ଗିରଫ ଅଭିଯୁକ୍ତମାନଙ୍କଠାରୁ ପୁଲିସ ଗୋଟିଏ କାର୍, ଟ୍ରକ୍ ଓ ଟ୍ରାକ୍ଟର ଜବତ କରିଛି । ସୂଚନାଯୋଗ୍ୟ ଯେ, ଚନ୍ଦକା ଥାନା ପାଇକେରାପୁର ଅଞ୍ଚଳର ସ୍ୱାସ୍ତିକ ସେଠୀ(୩୫)। ଅଞ୍ଚଳରେ ଦଲାଲମାନେ ବେଆଇନ ଭାବେ ମୋରମ ଓ ମାଙ୍କଡା ପଥର ଚୋରା ଚାଲାଣ କରୁଥିବା ତଥ୍ୟ ପୁଲିସକୁ ଦେଉଥିଲେ। ପୁଲିସ ଜାଣିବା ପରେ ଅତର୍କିତ ଭାବେ ଚଢ଼ାଉ କରି ଗାଡିକୁ ଜବତ କରିବା ସହ ଅପରାଧୀଙ୍କୁ ଗୋଡେଇ ଗୋଡେଇ ଗିରଫ କରୁଥିଲା। ଏହି ଖବର ଦଲାଲମାନେ ଜାଣିବା ପରେ ବୁଧବାର ଦିନ ସ୍ୱାଗତଙ୍କୁ ଏକ କାରରେ ଅପହରଣ କରି ନେଇ ପଳାଇଥିଲେ। ଗୋଟିଏ ରୁମରେ ରଖି ନିର୍ଧୁମ ମାଡ ମାରିବା ସହ ପୁଲିସକୁ କାହିଁକି ତଥ୍ୟ ଦେଉଛି ବୋଲି ପ୍ରଶ୍ନ କରିଥିଲେ। ପରେ ୫ଲକ୍ଷ ଟଙ୍କା ଦେଲେ ତୁମ ପୁଅକୁ ଛଡାଯିବ ବୋଲି ଧମକ ଚମକ ଦେଇଥିଲେ ଅପରାଧୀମାନେ । ଏନେଇ ପରିବାର ଲୋକେ ୧୧୨ କୁ କଏ କରିବା ସହ ପୁଲିସକୁ ଜଣାଇଥିଲେ। ଖବର ପାଇ ଚନ୍ଦକା ଥଶନା ପୁଲିସ ଅତର୍କିତ ଭାବେ ଘଟଣା ସ୍ଥଳରେ ପହଚିଁଥିଲା। ଏନେଇ ପରିବାର ଲୋକେ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରି ଗୁରୁବାର ଦିନ କୋର୍ଟ ଚାଲାଣ କରିଛି ।

### ରାଧାବଲ୍ଲଭପୁର ସରପଞ୍ଚ ମୁହଁ ଖୋଲିଲେ

## ମୋ' ବିରୋଧରେ ବଦନାମ କରିବାକୁ ଚକ୍ରାନ୍ତ କରୁଛି ବିଜେଡ଼ି

ଧାମନଗର(ନିପ୍ର): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତର ସରପଞ୍ଚ ପ୍ରିତମ କୁମାର ଦାସ ଓ ତାଙ୍କ ଭାଇଙ୍କ ବିରୋଧରେ ଉକ୍ତ ଗ୍ରାମର ତପନ ପଣ୍ଡା ଧାମନଗର ଥାନାରେ ତାକୁ ମାଡ ମରାଯାଇଥିବାର ଅଭିଯୋଗ କରିଛନ୍ତି । ତେବେ ସରପଞ୍ଚ ଓ ତାଙ୍କ ଭାଇଙ୍କୁ ତୁରନ୍ତ ଗିରଫ ପାଇଁ ବୁଧବାର ଧାମନଗର ବ୍ଲକ ବିଜେଡ଼ି ନେତୃମଣ୍ଡଳୀ ଧାମନଗର ଏସଡିପିଓ ତ୍ରିଲୋଚନ ସେଠାଙ୍କୁ ଭେଟି ତୁରନ୍ତ ଗିରଫ କରିବା ସହ ବିଜେପିକୁ ବିରୋଧ କରିଥିଲେ । ସେହି ପ୍ରତିବାଦରେ ଗୁରୁବାର ରାଧାବଲ୍ଲଭପୁର ପଞ୍ଚାୟତର ବୁଢ଼ି ଜାଗୁଲାଇ ମନ୍ଦିର ପରିସରରେ ସରପଞ୍ଚ ଶ୍ରୀ ଦାସ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ନିଜର ମୁଁହ ଖୋଲିଛନ୍ତି । ସେ କହିଛନ୍ତି ଯେ ମୋ ବିରୋଧରେ ତପନ ପଣ୍ଡା ଓ ବିଜେଡ଼ି କର୍ମୀମାନେ ଚକ୍ରାନ୍ତ କରି ମୋତେ ବଦନାମ କରୁଛନ୍ତି । ଶ୍ରୀ ଦାସ କହିଛନ୍ତି ଦୁଇ ଦିନ ତଳେ ତପନ ଜଣେ ମହିଳାଙ୍କୁ ଗାଳି ଗୁଲଜ କରୁଥିଲେ । ତାଙ୍କ ନାମରେ ଦୁଇ ଦୁଇଟି କେସ। ବର୍ଷେ ତଳେ ଜଣେ ଯୁବକକୁ ଆକ୍ରମଣକରି ଏକବର୍ଷ ଫେରାର ଥିଲେ । ସେ ଜଣେ ଜଣାଶୁଣା ଗୁଣ୍ଡା ଅଥଚ ମୋ ନାମରେ ମିଥ୍ୟା ଅଭିଯୋଗ କରିଥିବା ସେ କହିଥିଲେ । ସବୁ ତଦନ୍ତକୁ ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ସରପଞ୍ଚ ଶ୍ରୀ ଦାସ କହି ଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଧାନୀ ପଞ୍ଚାୟତର ସରପଞ୍ଚ ତଥା ଧାମନଗର ବ୍ଲକ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣଙ୍କ ସଂଯୋଜନାରେ ନଗର ପ୍ରତିନିଧି କୈଳାସ ମହାପାତ୍ର, ବିଜେପି ଧାମନଗର ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ଅଶୁରାଳୀ ମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ, ବିଜେପି ଜିଲ୍ଲା ସଂପାଦକ ମନୋରଞ୍ଜନ ମଲ୍ଲିକ, ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ବିଜେପି ନେତା ଦୀପ୍ତି ରଞ୍ଜନ ଜେନା, ହେମନ୍ତ ଖିଲାର ପ୍ରମୁଖ ଉକ୍ତ ଘଟଣାକୁ ବିରୋଧ କରିବା ସହ ବିଜେଡ଼ି ଔଷଧ ରାଗରେ ତାଟିଆ କାମୁଡୁଛି ବୋଲି କହିଥିଲେ । ବିଜେଡ଼ିର କର୍ମୀମାନେ ଅଭ୍ୟାସଗତ ଗୁଣ୍ଡା ବୋଲି ସେମାନେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ।

### ଅଣଛାତ୍ରଙ୍କ ମାଡ଼ ପ୍ରତିବାଦରେ ବିକ୍ଷୋଭ

## ନ୍ୟାୟ ଦାବିରେ କୁଳପତିଙ୍କ କାର୍ଯ୍

ନିରାକାରପୁର/ଖୋର୍ଦ୍ଧା: ମୁଣ୍ଡାଆମ୍ବଠାରେ ନେସ୍‌ଲେ ପ୍ଲାଣ୍ଟର ଭିତ୍ତି ପକାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି

ଖୋର୍ଦ୍ଧା ମୁଣ୍ଡାଆମ୍ବଠାରେ ବରୁଣ ବେଭେରେଜ୍‌ର ପ୍ଲାଣ୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

## ଏନକାଉଣ୍ଟରରେ କୁଖ୍ୟାତ ଅପରାଧୀ ଆହତ

ତାଳଚେର,୩।୪: ତାଳଚେର ପୁଲିସ ଓ ଅନୁଗୁଳ ପୁଲିସର ସ୍ପେସାଲ୍ ସ୍କ୍ୱାଡ୍ ପକ୍ଷରୁ ଗୁରୁବାର ଏନକାଉଣ୍ଟର ହୋଇଛି । ଏନକାଉଣ୍ଟରରେ କୁଖ୍ୟାତ ଅପରାଧୀ ସୁଶାନ୍ତ ନାୟକ ଗୁରୁତର ହୋଇଛି । ତାଳଚେର ତାଳବେଡା ଜଙ୍ଗଲରେ ପୋଲିସ ଏହି ଏନକାଉଣ୍ଟର କରିଥିଲା । ସୁଶାନ୍ତଙ୍କ ବାମ ଗୋଡ଼ରେ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ତାକୁ ଅନୁଗୁଳ ସରକାରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।ସୂଚନା ଅନୁଯାୟୀ, ଗୁଳି କରି ପଳାଉଥିବା ବେଳେ ପୋଲିସ ପକ୍ଷରୁ ପାଲଟା ଏନକାଉଣ୍ଟର କରାଯାଇଥିଲା। ସୁଶାନ୍ତଙ୍କ ନାଁରେ ତାଳଚେର ସମେତ କେତେକ ଥାନାରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଥିଲା। ସୁଶାନ୍ତ ପୁଲିସ ଉପରକୁ ତିନି ରାଉଣ୍ଡ ଗୁଳି ଫାୟରିଂ କରିଥିବା ସୂଚନା ରହିଛି। ସୁଶାନ୍ତ ସହ ଜଙ୍ଗଲରେ ଆଉ ଜଣକୁ ପୋଲିସ ଗିରଫ କରିଛି ।

## ରାଜା ଚକ୍ର ଲିଙ୍କ୍‌ରେ ଚଢ଼ଉ

କେନ୍ଦୁଝର,୩।୪: ଗିରଫ ହେବା ପରେ ରାଜା ଚକ୍ରଙ୍କୁ ସମସ୍ୟା ଛାଡୁନାହିଁ । କେନ୍ଦୁଝର କୋଇଡ଼ା ମାଇନ୍ସ ଉପରେ ଚଢ଼ାଉ କରାଯାଉଛି । କ୍ରାଇମ୍ ବ୍ରାଞ୍ଚ, ଏସଟିଏଫ୍, ଇଓଡବ୍ଲୁର ମିଳିତ ଚଢ଼ାଉ କରାଯାଇଛି । ଚଢ଼ାଉ ପରେ ୩ଟି ଦାମୀ ଗାଡ଼ି ଜବତ କରାଯାଇଛି । ଏଥିସହ ବ୍ୟାପକ ହେରଫେର ନେଇ ଡକ୍ୟୁମେଣ୍ଟ ମଧ୍ୟ ଜବତ କରାଯାଇଛି । ଅପରପକ୍ଷେ ଜାମିନ୍ ଆବେଦନ ଉପରେ ଶୁଣାଣି ନେଇ ଗୁରୁବାର ରାଜା ଚକ୍ରଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଛି । ଆସନ୍ତା ୫ତାରିଖରେ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ହେବ। ଗନ୍ଧମାର୍ଦ୍ଦନ ଲୋଡିଙ୍ଗ ଏଜେନ୍ସିରେ ଟଙ୍କା ହେରଫେର ଘଟଣାରେ ଗିରଫ ରାଜା ଚକ୍ରଙ୍କୁ ନେଇ ପୂର୍ବରୁ ଜେରା କରିଥିଲା କ୍ରାଇମବ୍ରାଞ୍ଚ ଓ ଇଓଡବ୍ଲୁ।

## ବେଦାନ୍ତର ସବୁଠାରୁ ବଡ଼ ବକ୍ସାଇଟ୍ ପୂର୍ଣ୍ଣ ଜାହାଜ

**ଭୁବନେଶ୍ୱର, ୩/୪(ନିପ୍ର):** ବିଶାଖାପାଟଣାରେ ଅବସ୍ଥିତ ବନ୍ଦର ଟର୍ମିନାଲ ଏବଂ ବେଦାନ୍ତ ଆଲୁମିନିୟମର ଏକ ଯୁନିଟ୍ ଭାଇଜାଗ୍ ଜେନେରାଲ୍ କାର୍ଗୋ ବର୍ଥ ପ୍ରାଇଭେଟ୍ ଲିମିଟେଡ୍ (ଭିଜିସିବି) ଭାରତରେ ପହଞ୍ଚିଥିବା ସବୁଠାରୁ ବଡ଼ ବକ୍ସାଇଟ୍ ଜାହାଜ ମଧ୍ୟରୁ ଗୋଟିଏ, ଏମଭି କ୍ୟାପଟେନ୍ ଲିଓନିଡାସ୍ କୁ ସଫଳତାର ସହ ବର୍ଥ କରି ସାମୁଦ୍ରିକ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ୧୯୯,୫୦୦ ମେଟ୍ରିକ୍ ଟନ୍ (ଏମଟି) ବକ୍ସାଇଟ୍ କାର୍ଗୋ ବହନ କରୁଥିବା ଏହି ଜାହାଜ ସୁବିଧାର କାର୍ଗୋ ପରିଚାଳନା କ୍ଷମତା ପାଇଁ ଏକ ନୂତନ ଉଚ୍ଚତା ଚିହ୍ନଟ କରିଛି। ଏମଭି କ୍ୟାପଟେନ୍ ଲିଓନିଡାସ୍‌ର ସଫଳ ବର୍ଥିଂ କେବଳ ବନ୍ଦରର କାର୍ଯ୍ୟକ୍ଷମ କ୍ଷମତାକୁ ବୃଦ୍ଧି କରିବ ନାହିଁ ବରଂ ବିଶ୍ୱ ବକ୍ସାଇଟ୍ ବାଣିଜ୍ୟରେ ଏକ ପ୍ରମୁଖ ଖେଳାଳି ଭାବରେ ଭାଇଜାଗ୍‌ର ବିକାଶରେ ମଧ୍ୟ ଯୋଗଦାନ ଦେବ। ଗତ ବର୍ଷ, ଏମଭି ହୁଆହାଇନ ସଫଳତାର ସହ ଭିଜିସିବିର ଟର୍ମିନାଲରେ ପହଂଚିଥିଲା, ରେକର୍ଡ ଭାଙ୍ଗି ୧୯୯,୯୦୦ ଏମଟି ମାଙ୍ଗାନିଜ୍ ଅୟର୍କ ପ୍ରଦାନ କରିଥିଲା - ଏହା କୌଣସି ଭାରତୀୟ ବନ୍ଦରରେ ଏପର୍ଯ୍ୟନ୍ତ ସର୍ବାଧିକ ଏକକ-କାର୍ଗୋ ରପ୍ତାନି ଥିଲା। ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ନିବେଶ ଏବଂ ସୁଗମ କାର୍ଯ୍ୟ ସହିତ, ଭିଜିସିବି ଏକ ଅଗ୍ରଣୀ ବିଶ୍ୱ ଟ୍ରାନ୍ସସିପମେଣ୍ଟ ହବ୍ ଭାବରେ ଭାଇଜାଗ୍‌ର ସ୍ଥିତିକୁ ଆହୁରି ଉନ୍ନତ କରିବାକୁ ପ୍ରସ୍ତୁତ ଅଛି।

**AFFIDAVIT**

By virtue of an affidavit made before Executive Magistrate, Banpur on 03.04.2025. I Kaminee Pradhan, W/o Arabinda Basti, At-Gadadharpur, Po/ Ps-Banpur, Dist-Khordha, PIn-752031 declare that I am the mother of the minor Sanvi Basti. I have changed my daughter's name from Sanvi Basti to Arpita Priyadarshini. Henceforth she will be known as Arpita Priyadarshini for all purposes.

KAMINEE PRADHAN

## ବିଜେଡି-ବିଜେପି ଏକାଠି: ତାରା ବାହିନୀପତି

**ଭୁବନେଶ୍ୱର, ୩/୪(ନିପ୍ର):** ବିଜେଡି-ବିଜେପି ଏକାଠି ହୋଇ ସବୁ ବିଲ ପାରିତ କରିଲେ । ଗଣତନ୍ତ୍ରକୁ ହତ୍ୟା କରାଯାଇ କଂଗ୍ରେସକୁ ବେଆଇନ ଭାବେ ଗୃହରୁ ବାହାରେ ରଖାଗଲା । ବିଜେଡି ବିଲ୍ ପାରିତ ହେବାରେ ବିଜେପିକୁ ସାହାଯ୍ୟ ଦେଲା ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସେ କହିଛନ୍ତି ଯେ ଓଡ଼ିଶାର ନିର୍ଯାତିତା ମହିଳାଙ୍କୁ ନେଇ ଦୁଇଟି ଦଳର ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଇଛି । ଏପରିକି ଉଚ୍ଚଶିକ୍ଷା ବିଲ୍ ପାରିତ ହେବାପାଇଁ ବିଜେଡି ବିଜେପିକୁ ବିଧାନସଭାରେ ସାରା ରାତି ସମର୍ଥନ ଦେଲା । ନାବାଳିକା ପିଲାମାନେ ଗର୍ଭବତୀ ହୋଇପଡୁଛନ୍ତି । ତା'ର ପ୍ରତିକାର ପାଇଁ କଂଗ୍ରେସ ଦାବି କରିବାରୁ ବିଜେପି ବିଧାୟକମାନେ କଂଗ୍ରେସ ବିଧାୟକ ମାନଙ୍କୁ ଶାରୀରିକ ଆକ୍ରମଣ କଲେ । କଂଗ୍ରେସ ହୁଇପ ଶ୍ରୀ ରାଜନ ଏକା କହିଛନ୍ତି ଯେ କଂଗ୍ରେସ ବିଧାୟକମାନେ ବିଧାନସଭାରେ ମହିଳାମାନଙ୍କୁ ନ୍ୟାୟ ଦେବାପାଇଁ ଯେଉଁ ଦାବି ରଖିଲେ ତାହା ଓଡ଼ିଶାର ୨ କୋଟି ୨୦ଲକ୍ଷ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ । ମହିଳାମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ବିଜେପି ସରକାର ଉପେକ୍ଷା କରୁଛି । ଏହି ପ୍ରସଙ୍ଗ ଓ ଆନ୍ଦୋଳନ କଂଗ୍ରେସ ବିଧାୟକ ଦଳ ଜାରି ରଖିବ ।

## ଛେପ ପକାଇବା ଏବଂ ଆବର୍ଜନା ପାଇଁ ମାର୍ଚ୍ଚ ମାସରେ ୫୮୧ ଜଣଙ୍କୁ ଜରିମାନା

**ଭୁବନେଶ୍ୱର, ୩/୪(ନିପ୍ର):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚ ୨୦୨୫ରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କୁ ଜରିମାନା ଆଦାୟ କରାଯାଇଅଛି । ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ । ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜରିମାନା ପରିମାଣ ୧,୧୭,୧୦୦ ଟଙ୍କା ଅଟେ । ଅଳିଆ ପକାଇବା ଏବଂ ଛେପ ପକାଇବାର ସମସ୍ୟାକୁ ଦୂର କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯାଇଛି । ଏହି କାର୍ଯ୍ୟବାହିନୀ ଷ୍ଟେସନ ପରିଚାଳକ, ଟିକେଟ୍ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ, ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଛି । ସକ୍ରିୟ ତଦାରଖ ସହିତ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଷ୍ଟେସନର ସାର୍ବଜନୀନ ଘୋଷଣା ପ୍ରଣାଳୀ ମାଧ୍ୟମରେ ଘୋଷଣା, ପୋଷ୍ଟର ଏବଂ ବ୍ୟାନର ବଣ୍ଟନ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଅନ୍ତର୍ଭୁକ୍ତ।

## ନାରୀ ନିର୍ଯାତନାକୁ ବିରୋଧ: ୧୫ରେ କଂଗ୍ରେସର ମଶାଲ ଶୋଭାଯାତ୍ରା

**ଭୁବନେଶ୍ୱର, ୩/୪(ନିପ୍ର):** ନାରୀ ନିର୍ଯାତନା ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛି କଂଗ୍ରେସ। ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଆସନ୍ତା ଏପ୍ରିଲ ୧୫ରେ ରାଜ୍ୟବ୍ୟାପୀ କଂଗ୍ରେସର ମଶାଲ ଶୋଭାଯାତ୍ରା ହେବ। ସେହିପରି ଏପ୍ରିଲ ୨୧ରେ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଅଫିସ୍ ଘେରାଉ କରାଯିବ ବୋଲି କହିଛନ୍ତି ପିସିସି ସଭାପତି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ଏପ୍ରିଲ ୧୫ ତାରିଖ ମଙ୍ଗଳବାର ପ୍ରତି ବ୍ଲକ ଓ ସହରରେ ନାରୀ ନ୍ୟାୟ ଏବଂ ୬୦ ହଜାର ନିଖୋଜ ମହିଳାଙ୍କୁ ଖୋଜିବା ପାଇଁ ମଶାଲ ର୍ୟାଲି ଏବଂ ଏପ୍ରିଲ ୨୧ ତାରିଖ ସୋମବାର ଜିଲ୍ଲା ସଦର ମହକୁମାରେ ଏହି ପ୍ରସଙ୍ଗରେ

ମଶାଲ ର୍ୟାଲି କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସ୍ଥାନୀୟ ସମସ୍ୟା, କ୍ଷେତପାଇଁ ପାଣି, ବେକାରୀ ସମସ୍ୟା, ଖଣି ଦୁର୍ନୀତି, ଅନ୍ୟାନ୍ୟ ସରକାରୀ ଦୁର୍ନୀତି, ଚାଷ ଓ ଚାଷୀ ସମସ୍ୟା ପ୍ରସଙ୍ଗ ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହାପରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲାରେ ୧୦ କି.ମି. ପଦଯାତ୍ରା ଏବଂ ସମାବେଶ ଆୟୋଜନ ହେବ ଯାହାକୁ ସଫଳ କରିବା ପାଇଁ ସମସ୍ତ ବରିଷ୍ଠ କଂଗ୍ରେସ ନେତାମାନେ ଦାୟିତ୍ୱ ନ୍ୟସ୍ତ ହେବେ। ଜିଲ୍ଲା କମିଟି ଗଠନ ପାଇଁ ସଂପୃକ୍ତ ଜିଲ୍ଲାର ଜିଲ୍ଲା ଓ ବ୍ଲକର ସମସ୍ତ ନେତୃବର୍ଗଙ୍କ ସହ ଖୋଲା ଆଲୋଚନା ହେବ ଏବଂ ସମସ୍ତଙ୍କ ମତାମତକୁ ନେଇ ଜିଲ୍ଲା କମିଟି ଗଠନ ହେବ। ଓଡ଼ିଶାର ନାରୀ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ କଂଗ୍ରେସର ଆନ୍ଦୋଳନ ଚାଲୁ ରହିବ। ୬୦ ହଜାର ମହିଳାଙ୍କ ଉଦ୍ଦେଶ୍ୟରେ ଏବଂ ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଗାଁର ମା ଭଉଣୀମାନେ ନିଜ ଗାଁରେ, ସାହିରେ ବା ଘରେ ମହମବତୀ ଜାଳି ନିଜକୁ ଏହି ମହା ଆନ୍ଦୋଳନରେ ସାମିଲ କରିବାକୁ ଶ୍ରୀ ଦାସ ନିବେଦନ କରିଛନ୍ତି ।

## ଓଡ଼ିଆ ପକ୍ଷପାଳନ ପାଇଁ ସ୍ୱତନ୍ତ୍ର ୱେବସାଇଟ୍

**ଭୁବନେଶ୍ୱର, ୩/୪(ନିପ୍ର):** ଓଡ଼ିଆ ପକ୍ଷ ସମ୍ବନ୍ଧୀୟ କୁଇଜରେ ଭାଗ ନିଅନ୍ତୁ, ଓଡ଼ିଆ ପକ୍ଷ ପାଳନ କରି ନିଜର ସେଲ୍ଫି ଅପଲୋଡ଼ କରିବାକୁ ସଂସ୍କୃତି ବିଭାଗର ଅପିଲ ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ଗାଥା ଗୌରବ ଓ ଆମ ପରମ୍ପରାର ମହାପର୍ବ ହେଉଛି 'ଓଡ଼ିଆ ପକ୍ଷ' ଭୁବନେଶ୍ୱର,୩ ଏପ୍ରିଲ- ଆମ ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟର ମଧ୍ୟ ନିର୍ମାଣ କରାଯାଇଛି। ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଏଥିସହିତ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି ।

## ନିଶାଦ୍ରବ୍ୟ କାରବାର ବନ୍ଦ ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବିପତ୍ର

**ପାରାଦୀପ,୩/୪(ନିପ୍ର):** ପାରାଦୀପ ଜନଗହଳିପୂର୍ଣ୍ଣ ଦେଶି ବିଦେଶୀ ମଦ ଦୋକାନ ଗୁଡ଼ିକୁ ସ୍ଥାନାନ୍ତରିତ କରିବା ପାଇଁ ପାରାଦୀପ ଛାତ୍ର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ପରାଦୀପ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଛି । ପୂର୍ବତନ ରାଜ୍ୟ କଂଗ୍ରେସ ଛାତ୍ର ସାଧାରଣ ସମ୍ପାଦକ କୁଷ୍ଣଚନ୍ଦ୍ର ପ୍ରଧାନ, ପାରାଦୀପ ଛାତ୍ର କଂଗ୍ରେସ ସଭାପତି ସୌମ୍ୟ ରଞ୍ଜନ ରାଉତଙ୍କ ସମେତ ପାରାଦୀପ ମହାବିଦ୍ୟାଳୟର ଛାତ୍ରନେତା ଯାଇ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବା ସହିତ ମଦ ଦୋକାନଗୁଡ଼ିକ ସ୍ଥାନାନ୍ତରିତ କରିବା ପାଇଁ ଆଲୋଚନା କରିଥିଲେ । ପାରାଦୀପରେ ନିଶା କାରବାର ବଢ଼ିଚାଲିଛି । ଜିରୋ ପଏଣ୍ଟରୁ ପାରାଦୀପ ସହର ଦୋଛକଠାରୁ ଅଠର ବାଙ୍କୀ, ପାରାଦୀପ ବଡ଼ ପଡ଼ିଆ ବଜାରର ପିରିବା ବାଜାର, ଚିକିତ୍ସାଳୟ ଆଦି ପ୍ରତ୍ୟେକ ଦିନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଲାଗି ରହୁଥିବା ଜନଗହଳିପୂର୍ଣ୍ଣ ସ୍ଥାନରେ ଦୀର୍ଘ ବର୍ଷଧରି ନିଶାଦ୍ରବ୍ୟ କାରବାର ହେଉଛି । ସରକାରୀ ମଦ ଦୋକାନ ଗୁଡ଼ିକ ଜନଗହଳି ସ୍ଥାନରେ ରହିଥିବାରୁ ସାଧାରଣଲୋକଙ୍କ ପାଇଁ ବଭିନ୍ନ ସମୟରେ ସମସ୍ୟା ଉପୁଜୁଛି । ଏହାକୁ ନେଇ ଗୁରୁବାର ପାରାଦୀପ ଛାତ୍ର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦିଆଯାଇଛି ।

## ବିଧାନସଭାରେ ପାରିତ ହେଲା ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍:୨୦୨୪

**ଭୁବନେଶ୍ୱର, ୩/୪(ନିପ୍ର):** ଦୀର୍ଘ ସମୟ ଧରି ଆଲୋଚନା ଓ ବିତର୍କ ପରେ ଗୁରୁବାର ଭୋରରେ ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ -୨୦୨୪ ପାରିତ ହୋଇଛି । ବୁଧବାର ଅପରାହ୍ନ ୪ଟାରୁ ଏହି ବିଲ୍ ଉପରେ ବିତର୍କ ଆରମ୍ଭ ହୋଇଥିଲା ଓ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ହେବା ପରେ ଗୁରୁବାର ସକାଳ ୪.୨୯ ମିନିଟରେ ବିଲ୍‌ଟି ପାରିତ ହୋଇଥିଲା । ଶେଷ ଯାଏଁ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝି। ତେବେ ଗୃହରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅନୁପସ୍ଥିତ ଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଦୁଇ ମହିଳା ବିଧାୟିକା ଉପାସନା ମହାପାତ୍ର ଏବଂ ସଞ୍ଜଳି ମୁର୍ମୁ ମଧ୍ୟ ଶେଷ ଯାଏଁ ଉପସ୍ଥିତ ଥିଲେ । ବିରୋଧୀ ଦଳ ପକ୍ଷରୁ ବରିଷ୍ଠ ବିଧାୟକ ରାଜା ସ୍ୱାଇଁ, ଅରୁଣ ସାହୁ, ଗଣେଶ୍ୱର ବେହେରା, ଧ୍ରୁବ ସାହୁ ବିଲ୍ ବିରୋଧରେ ବଳିଷ୍ଠ ଯୁକ୍ତି ବାଢ଼ିଥିଲେ । ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ବିରୋଧୀଙ୍କୁ ଗୋଟିଏ ଗୋଟିଏ ପ୍ରଶ୍ନର ଉତ୍ତର ଦେଇଥିଲେ । ସାଢେ ୧୨ ଘଣ୍ଟା ଧରି ବହୁ ଯୁକ୍ତିତର୍କ ଏବଂ ଆଲୋଚନା ପରେ ବିଶ୍ୱବିଦ୍ୟାଳୟ ସଂଶୋଧିତ ବିଲ ୨୦୨୪ ପାରିତ ହୋଇଛି। ଭୋର ସମୟରେ ଓଡ଼ିଶା ପ୍ରତି ଶିକ୍ଷାର ସୂର୍ଯ୍ୟୋଦୟ ହେବ ବୋଲି କହିଥିଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ। ବିଲ୍ ପାରିତ ପାଇଁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ ମନ୍ତ୍ରୀ ।

## ବିଧାନସଭାରେ ପାରିତ ହେଲା ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍: ୨୦୨୫

**ଭୁବନେଶ୍ୱର, ୩/୪(ନିପ୍ର):** ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ – ୨୦୨୫ ବିଧାନସଭାରେ ପାରିତ ହୋଇଛି । ବିଶ୍ୱ ବିଦ୍ୟାଳୟ ସଂଶୋଧିତ ବିଲ ୨୦୨୪ ପାରିତ ହେବା ପରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ – ୨୦୨୫ ଉପରେ ଆଲୋଚନା କରାଯାଇ ଗୁରୁବାର ସକାଳେ ଏହି ବିଲ୍ ବିଧାନସଭାରେ ପାରିତ କରାଯାଇଛି । ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ଏହି ବିଲ ଉପରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଧାନସଭାରେ ବିଲ ଉପରେ ବିବୃତି ଦେଇ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ. ଜାତୀୟ ରାଜପଥ ପ୍ରାଧିକରଣ ପରି ରାଜ୍ୟ ରାଜପଥ ପ୍ରାଧିକରଣ କାମ କରିବ । ଓଡିଶାର ଦୃଷ୍ଟିକୋଣ ୨୦୩୬ ଅନୁଯାୟୀ ସଂପୂର୍ଣ୍ଣ ରାଜ୍ୟକୁ ଏକ ଅର୍ଥନୈତିକ ପାୱାରହାଉସ୍ ଭାବେ ପରିଣତ କରିବାକୁ ଅତୁଟ ଉନ୍ନତି, ସୁଧାରିତ ସଂଯୋଗ ଓ ପ୍ରସ୍ତୁତି ପାଇଁ ପ୍ରୟାସ କରାଯାଉଛି। ଏହି ସଫଳତାରେ ମୁଖ୍ୟ ଅଂଶ ଲଜିଷ୍ଟିକ୍ସ କ୍ଷମତାକୁ ସୁଧାରିବା ସରକାରଙ୍କ ଲକ୍ଷ୍ୟ। ରାଜ୍ୟର ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସବୁଦିନିଆ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଅତ୍ୟନ୍ତ ଜରୁରୀ । ସେ କହିଛନ୍ତି ଯେ, ରାଜ୍ୟ ସରକାର ନିର୍ମାଣ ବିଭାଗ ଅଧୀନରେ ୧୫,୦୦୦ କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ବିକଶିତ କରିବାର ଲକ୍ଷ୍ୟ ରଖି ବିଭିନ୍ନ ଉଚ୍ଚ ମୂଲ୍ୟର ରାସ୍ତା ପ୍ରକଳ୍ପଗୁଡ଼ିକୁ ସୁଗମ ଏବଂ ସାମଗ୍ରିକ ଭାବରେ କାର୍ଯ୍ୟକାରୀ କରିବାକୁ ଚିନ୍ତା କରିଛନ୍ତି।ଯେଉଁଥିରେ ପ୍ରବେଶ-ନିୟନ୍ତ୍ରିତ ହାଇ ସ୍ପିଡ୍ ହାଇୱେ କରିଡର, ଅନ୍ୟାନ୍ୟ ଆରଟେରିଆଲ ଅର୍ଥନୈତିକ କରିଡର, ପ୍ରଥମ ମାଇଲ୍ ଏବଂ ଶେଷ ମାଇଲ୍ ସଂଯୋଗ ରାସ୍ତା ଅନ୍ତର୍ଭୁକ୍ତ । ରାଜ୍ୟର ରାସ୍ତା ନେଟୱାର୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ, କରିଡର ସହିତ ଜମି ଅଗ୍ରହଣ, ପୁନର୍ବାସ ଏବଂ ଥଇଥାନ, ପରିବେଶ ଏବଂ ଜଙ୍ଗଲ ମଞ୍ଜୁରୀ ଏବଂ ଉପ